ସକାଳ THE SAKALA



## ମରଣଯନ୍ତା ପାଲଟିଛି ଧନକଉଡ଼ା ଛକ

# ବାଇକ୍ ଆରୋହୀଙ୍କ ହାତରେ ଚଢ଼ିଗଲା ଟ୍ରକ୍

**ସମ୍ବଲପୁର, ୧୪।୨(ସମିସ)**



ସମାଜରୁ ହଜି ଯାଉଛି କି ମାନବିକତା। ଦୁର୍ଘଟଣା ଘଟିଲା ପରେ ପାଖକୁ ଅନେକ ଲୋକ ଯାଉଛନ୍ତି, କିଛି ଫଟୋ ଓ ଭିଡିଓ ଉତ୍ତୋଳନ ମଧ୍ୟ କରୁଛନ୍ତି। କିନ୍ତୁ କେହି ଆହତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ହେଉ ନାହାନ୍ତି। ଯଦି ବା କେହି ସାହାଯ୍ୟ କରୁଛି ତାର ସଂଖ୍ୟା ଅତି ନିମ୍ନ। ଆଜି ଏପରି ଏକ ଦୃଶ୍ୟ ସମ୍ବଲପୁରରେ ଦେଖା ଦେଇଛି। ସମ୍ବଲପୁର ସିଟିଷ୍ଟେସନ ସମ୍ମୁଖ ଜାତୀୟ ରାଜପଥ ୫୬ ଧନକଉଡ଼ା ଛକରେ ଏକ ଦୁର୍ଘଟଣା ଘଟିଥିଲା। ଅନେକ ଲୋକ ଦର୍ଶକ ସାଜିଥିଲେ। ତଳେ ପଡ଼ି ବୃଦ୍ଧ ଜଣଙ୍କ କେବଳ ନିଶ୍ୱାସ ନେଉଥିଲେ। ଶେଷରେ ଜଣେ ପୁଲିସ ମେଡିକାଲ ନେବାକୁ ଅଟୋକୁ ଅଟକାଇ ଥିଲେ। କିନ୍ତୁ ଅଟୋରେ ଆହତ ବ୍ୟକ୍ତିଙ୍କ ସହ କେହି ଯିବା ପାଇଁ ପ୍ରସ୍ତୁତ ନ ଥିଲେ। କିଛି ସମୟ ଧରି ଅଟୋ ଚାଳକକ ଲୋକଙ୍କୁ ଗୁହାରି କରି ମେଡିକାଲ ନେବା ପାଇଁ ଡାକିଥିଲା। ଶେଷରେ ତାଙ୍କୁ ମେଡିକାଲ ପଠାଯାଇଥିଲା। ସରକାର ସବୁବେଳେ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ନେଇ ଲୋକଙ୍କୁ ସଚେତନ କରୁଛି। କିନ୍ତୁ ଲୋକ ଏବେ ସାହାଯ୍ୟ କଲେ ଆଗକୁ ପୁଲିସ କେସ୍ କି ହଇରାଣରେ ପଡ଼ିବା ନେଇ ଆଶଙ୍କା ରହୁଛି। ତେଣୁ ଦୁର୍ଘଟଣାର ଶିକାର ପରେ ମଧ୍ୟ ଗୁରୁତର ହୋଇ ରାସ୍ତାର ପଡ଼ୁଛନ୍ତି। ସୂଚନା ଯୋଗ୍ୟ, ଧନକଉଡ଼ା ଛକରେ ବିପର୍ଯ୍ୟସ୍ତ ଟ୍ରାଫିକ ପରିଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଶୁକ୍ରବାର ଏହି ଛକରେ ଜଣେ ବୃଦ୍ଧ ଦୁର୍ଘଟଣାରେ ନିଜର ହାତ ହରାଇଛନ୍ତି। ଗୋପିନାଥ ନାମକ ଜଣେ ବ୍ୟକ୍ତି ବାଇକରେ ଯାଉଥିଲେ। ଏହି ସମୟରେ ଏକ ମିନି ଟ୍ରକ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ଏ ସମୟରେ ମିନି ଟ୍ରକଟି ତାଙ୍କ ବାମ ହାତ ଉପରେ ଚଢ଼ି ଯାଇଥିଲା। ଉକ୍ତ ଜାତୀୟ ରାଜପଥକୁ ସିଟି ଷ୍ଟେସନ ଓ ଧନକଉଡ଼ା ଗାଁ, ସାକ୍ଷୀପଡ଼ାକୁ ସଂଯୋଗ କରୁଛି। ଉଭୟ ପଟେ ସର୍ଭିସ ରୋଡ୍ ରହିଛି। କିଛି ଦିନ ଆଗରୁ ସର୍ଭିସ ରୋଡରେ ଦୁର୍ଘଟଣା ଘଟି ମା' ଗୁରୁତର ହୋଇଥିବାବେଳେ ଝିଅର ମୃତ୍ୟୁ ଘଟିଥିଲା। ତେଣୁ ସ୍ଥାୟୀ ସମାଧାନ ସହ ଟ୍ରାଫିକ ପରିଚାଳାନ କରିବାକୁ ପୁଲିସ ରହୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ନେଇ ଧନୁପାଲି ଆଇଆଇସି ସୁବ୍ରତ ପାଣିଗ୍ରାହୀ କହିଛନ୍ତି।

## ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ବେଆଇନ ହୁକିଂ ଛାଟ

# ୫୫.୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ



**ବୁର୍ଲା, ୧୪।୨(ସମିସ):** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଦ୍ୱାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବେଆଇନ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ଜାନୁୟାରୀ ମାସରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ସମୟରେ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ସଫଳତାର ସହ ମୋଟ ୩.୪୨ ମେଗାୱାଟ୍ ବିଦ୍ୟୁତ୍ ଚୋରିକୁ ରୋକାଯାଇ ପାରିବା ସହ ୫୫.୮୭ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଯେଉଁଥିରେ ମୋଟ ୧୧୨୭ ଅନଧିକୃତ ସଂଯୋଗ (ବେଆଇନ୍ ହୁକିଂ) କୁ ଜବତ କରାଯାଇଛି। ସେହିପରି ୮୮୪ ଅନିୟମିତତା ମାମଲାର ସମାଧାନ କରାଯାଇଛି। ଏହା ବ୍ୟତୀତ, ଏହି ଅଭିଯାନରେ ମୋଟ ୮୮୭ଟି ନୂତନ ସଂଯୋଗ ଆବେଦନର ପ୍ରକ୍ରିୟାକରଣ, ୩୮୪ଟି ସ୍ଥାନରେ ମିଟର ସଂସ୍ଥାପନ ତଥା ବିଦ୍ୟୁତ୍ ଶକ୍ତିର ସଠିକ୍ ବ୍ୟବହାରକୁ ସୁନିଶ୍ଚିତ କରାଯାଇଅଛି।

## ଅଟକିଲାନି ସରକାରୀ ବସ୍, ହନ୍ତସନ୍ତ ଯାତ୍ରୀ

**ସମ୍ବଲପୁର, ୧୪।୨(ସମିସ):** ସମ୍ବଲପୁରରୁ ଫୁଲବାଣୀ ଯାଉଥିବା ସରକାରୀ ବସ୍‌ରେ ଯିବାପାଇଁ ଅନେକ ମହିଳା ଓ ପୁରୁଷ ଧନୁପାଲି ଛକରେ ଅପେକ୍ଷା କରିଥିଲେ। ବସ୍ ଠିକ ସମୟରେ ଧନୁପାଲି ପହଞ୍ଚିଥିଲା, ମାତ୍ର ଗାଡି ନ ରଖି ପଳାଇଥିଲା। ଫଳରେ ଅନେକ ମହିଳା ଯାତ୍ରୀ ବହୁ ସମୟ ଧରି ଅପେକ୍ଷା କରିଥିଲେ। ସରକାରୀ ବସ୍ କ୍ଷତିରେ ଚାଲୁଥିବା କୁହାଯାଉଥିବା ବେଳେ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ବସ୍ ଖାଲି ଥାଇ ମଧ୍ୟ ଲୋକେ ଯାଇପାରିଲେ ନାହିଁ। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବ୍ଲାକ୍ ମେଲ୍ ଅଭିଯୋଗରେ ଜଣେ ଗିରଫ

**ବୁର୍ଲା, ୧୪।୨( ସମିସ):** ଜଣେ ଯୁବତୀଙ୍କ ସହ ପ୍ରେମସମ୍ପର୍କ ବଢ଼ାଇ ବ୍ଲାକମେଲ କରିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି ବୁର୍ଲା ପୁଲିସ। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ନବରଙ୍ଗପୁର ଜିଲ୍ଲା ଟାଉନଥାନା ଗଡ଼ବଗୋଡାର ସଂଗ୍ରାମ କେଶରୀ ଦାସ (୩୬)। ସୂଚନା ଅନୁସାରେ ସଂଗ୍ରାମ ବୁର୍ଲା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଇନଷ୍ଟାଗ୍ରାମ ଦ୍ୱାରା ଚିହ୍ନା ପରିଚୟ ହୋଇଥିଲା। ତେବେ ଚିହ୍ନା ପରିଚୟ ହେଲାପରେ ନମ୍ବର ମାଗିବା ସହ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଏହି ସମୟରେ ଯୁବତୀଙ୍କ କିଛି ଅଶ୍ଳୀଳ ଭିଡିଓ ମୋବାଇଲରେ ରଖିବା ସହ ଯୁବତୀଙ୍କୁ ବ୍ଲାକ୍‌ମେଲ ଆରମ୍ଭ କରିଥିଲେ। ଯୁବତୀଙ୍କୁ ସେହି ଫଟୋ ଭିଡିଓ ଦେଖାଇ ୧୨ ହଜାର ଟଙ୍କା ଦାବି କରିବା ଫଳରେ ଲୋକଲଜ୍ଜା ଭୟରେ ଯୁବତୀ ଟଙ୍କା ଦେଇଥିଲେ। ପରେ ପୁଣି ଥରେ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ ଯୁବକ। ଏନେଇ ଯୁବତୀ ବୁର୍ଲା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



## ଏବିସିଡି ଟ୍ରଷ୍ଟ ପକ୍ଷରୁ କଳାଦିବସ

**ସମ୍ବଲପୁର, ୧୪।୨(ସମିସ):** ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କଚେରି ଛକସ୍ଥିତ ସହିଦସ୍ତମ୍ଭ ଠାରେ ପୁଲୱାମା ସହିଦମାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ଶତନାମୀ ଉପଦେଷ୍ଟା କାର୍ତ୍ତିକ ପ୍ରସାଦ ବହିଦାର, ଅଧ୍ୟାପକ ବିଶ୍ୱଜିତ ମହାନ୍ତି, ଶିକ୍ଷକ ସୁନୀଲ ସାଗର, ମାସୁଦ ଆଲାମ, ମୁକେଶ ମେହେର, ଶିବାଶିଷ ନନ୍ଦ ଓ ଅଜୟ କୁମାର ସାହୁ ଉପସ୍ଥିତ ଥିଲେ।

## ସଦର ଏସ୍‌ଡିପିଓ ହେଲେ ଅନୀଲ

**ସମ୍ବଲପୁର, ୧୪।୨(ସମିସ):** ସମ୍ବଲପୁର ସଦର ଏସ୍‌ଡିପିଓ ଭାବେ ଅନୀଲ କୁମାର ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ ଡିଏସ୍‌ପି ଡିଆଇବି ଯାଜପୁରରେ କାର୍ଯ୍ୟରତ ଥିଲେ। ଗତ ୭ ତାରିଖରେ ବାହାରିଥିବା ବଦଳି ତାଲିକାରେ ତାଙ୍କୁ ଏସ୍‌ଡିପିଓ ଚମ୍ପୁଆକୁ ପଠାଯାଇଥିଲା। ଆଜି ପୁଣି ସମ୍ବଲପୁର ସଦର ଏସଡିପିଓ ଭାବେ ବଦଳି କରାଯାଇଛି। ସେପଟେ ସଦର ଏସଡିପିଓ ଭାବେ କାର୍ଯ୍ୟରତ ଥିବା ତୋଫାନ ବାଗଙ୍କୁ ଲକ୍ଷ୍ମୀପୁର କୋରାପୁଟକୁ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି।

## ବ୍ୟବସାୟୀଙ୍କ ଦେହାନ୍ତ

**ଜମନକିରା, ୧୪।୨(ସମିସ):** ଜମନକିରା ବଲବସପୁର ଗ୍ରାମର ବ୍ୟବସାୟୀ ଗୁରୁଚରଣ ମହାକୁଲ (୬୫)ଙ୍କ ଦେହାନ୍ତ ହୋଇ ଯାଇଛି। ୪୫ ବର୍ଷ ଧରି ବ୍ୟବସାୟୀ କରି ଆସୁଥିଲେ। ଗୁରୁବାର ଦିନ ଶୌଚ ହୋଇ ଫେରୁଥିବା ବେଳେ ପଡ଼ି ଯାଇ ତାଙ୍କର ପ୍ରାଣବାୟୁ ଉଡ଼ିଯାଇ ଥିଲା। ତାଙ୍କର ଏକ ମାତ୍ର ପୁଅ ମାନସ ମହାକୁଲ ମୁଖାଗ୍ନି ଦେଇଥିଲେ। ବ୍ୟବସାୟୀ ସଂଘର ସଭାପତି ରାଜା ବେହେରା, ସମ୍ପାଦକ ରୋହିତ ସାହୁ, ମନୋଜ ଧର, ଦେବାଶିଷ ମହାକୁଲ, ସରୋଜ ସାହୁଙ୍କ ସହ ଅନେକ ସଭ୍ୟ ଶେଷଦର୍ଶନ କରିଥିଲେ।



## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା, ୧୪।୨(ସମିସ):** ଗୋବିନ୍ଦପୁର ଥାନା ଅଧୀନ ରଙ୍ଗିଆଟିକ୍ରା ଗ୍ରାମର ଜଣେ ଯୁବତୀଙ୍କୁ ଜମନକିରା ଥାନା ଦୁର୍ଗାଡ଼ିହି ଗ୍ରାମର ସେବେୟ ସୁରିଙ୍ଗଙ୍କ ପୁଅ ସଞ୍ଜୟ ସୁରିଙ୍ଗ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଦୀର୍ଘ ୬ ବର୍ଷ ସମ୍ପର୍କ ରଖି ବିବାହ ପାଇଁ ମନା କରିବାରୁ ଯୁବତୀ ଜଣକ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଗୋବିନ୍ଦପୁର ପୁଲିସ ସଞ୍ଜୟ ସୁରିଙ୍ଗ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ପଞ୍ଚମୁଖୀ ହନୁମାନ ମନ୍ଦିରର ଭୂମି ପୂଜନ



**ସମ୍ବଲପୁର, ୧୪।୨ (ସମିସ):** ପଡ଼ିଆବାହାଲ ସାପ୍ତାହିକ ବଜାର ଠାରେ ଏକ ପଞ୍ଚମୁଖୀ ହନୁମାନ ମନ୍ଦିର ନିର୍ମାଣ କରିବା ପାଇଁ ଆଜି ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଜରଙ୍ଗବାଲି ଆଞ୍ଚଳିକ କମିଟି ପକ୍ଷରୁ ଆୟୋଜିତ ଭୂମିପୂଜନରେ ପଣ୍ଡିତ ମହେଶ୍ୱର ନାୟକ ପୌରୋହିତ୍ୟ କରିଥିବାବେଳେ ଡାକ୍ତର ରାଜାରାମ ଷଡ଼ଙ୍ଗୀ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ କମିଟି ସଭାପତି ଶକ୍ତି ପ୍ରସନ୍ନ ବଡ଼ପଣ୍ଡା, ଉପସଭାପତି ପ୍ରମୋଦ ମଗର, ସରପଞ୍ଚ ସରସ୍ୱତୀ ଭୋସାଗର, ସମ୍ପାଦକ ଗଣେଶ ଭୋଇ, କୋଷାଧକ୍ଷ କେଶବ ମେହେର, ଦୁର୍ଗେସ ସାହୁ, ସଞ୍ଜୀବ ଭୋଇ, ଅଶୋକ ରାୟ, ବରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଙ୍କର୍ସ ମିଟ୍

**ସମ୍ବଲପୁର, ୧୪।୨(ସମିସ):** ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଲିଡ୍ ବ୍ୟାଙ୍କ ଦ୍ୱାରା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଡିସିସି, ଡିଏଲଆରସି ଓ ଡିଏଲଆରଏସି ମିଟିଂ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଡିଡିଏମ ନାବାର୍ଡ ଦେବେନ୍ଦ୍ର କୁମାର ଦାଶ, ଏଲଡିଓ ଆରବିଆଇ ସେବାଶ୍ରୀ ସାହୁ, ଏଲଡିଏମ ସମ୍ବଲପୁର ଦେବକିଶୋର ନାୟକ, ନିର୍ଦ୍ଦେଶକ ଆରଏସଇଟିଆଇ ସୁବାଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ପ୍ରମୁଖ ଅଧିକାରୀ ଓ ବ୍ୟାଙ୍କ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହିସଭାରେ ସମ୍ବଲପୁର ଜିଲ୍ଲାର ବ୍ୟାଙ୍କଗୁଡ଼ିକର ଅଭିବୃଦ୍ଧି, ତ୍ରୈମାସିକ ଅଭିବୃଦ୍ଧି, କୃଷି ଏବଂ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଗୁଡିକର ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି, ବ୍ୟାଙ୍କ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା, ୨୦୨୪ ସେପ୍ଟେମ୍ବର ଏବଂ ଡିସେମ୍ବର ଅବସ୍ଥିତ ବୈତିକ ସମୀକ୍ଷା ବୈତିକ ତଥ୍ୟ, ବ୍ୟାଙ୍କର କ୍ରେଡିଟ୍-ଡିପୋଜିଟ୍ ଅନୁପାତ, ପ୍ରାଥମିକ କ୍ଷେତ୍ର ଋଣର ବଣ୍ଟନ, ବାର୍ଷିକ ଋଣ ଯୋଜନାର ସଫଳତା, ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନା ଗୁଡ଼ିକ (ଏନ୍‌ଆରଏଲଏମ୍, ଏନ୍‌ୟୁଆରଏଲଏମ୍), ଏବଂ ଗ୍ରାହକଙ୍କୁ ଉଚିତ୍ ସୁବିଧା ଦେବା ବିଷୟରେ ଆଲୋଚନା ହୋଇଥିଲା।

## ହାତିବାରି ଟୋଲ୍ ଗେଟ୍‌ରେ ଜିଲ୍ଲା ଗାଡ଼ିକୁ ଫ୍ରି ପାଇଁ ଦାବି



**ସମ୍ବଲପୁର, ୧୪।୨ (ସମିସ):** ସମ୍ବଲପୁର ଉପକଣ୍ଠ ହାତୀବାରି ଠାରେ ସ୍ଥାପିତ ଟୋଲ ଗେଟ୍‌ରେ ନିଆଯାଉଥିବା ଟୋଲ ଟ୍ୟାକ୍ସକୁ ନେଇ ସମ୍ବଲପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ବଲପୁରର ଜନମାନସରେ ଏହି ଟୋଲ ଟ୍ୟାକ୍ସ ଆଦାୟକୁ ନେଇ ବିରୋଧାଭାଷ ପରିଲକ୍ଷିତ ହୋଇଛି। ସମ୍ବଲପୁର ଜିଲ୍ଲାର ବାହନ ଗୁଡ଼ିକୁ ଏହି ଟୋଲ ଗେଟ୍‌ରେ ଦେୟ ମୁକ୍ତ କରିବା ପାଇଁ ଶୁକ୍ରବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ବରିଷ୍ଠ ସଦସ୍ୟ ତଥା ଯୁଯୁମୁରା ଅଞ୍ଚଳର ଯୁବ ନେତା ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ମଞ୍ଚର ଚାରି ଜଣିଆ ସଦସ୍ୟଙ୍କ ପ୍ରତିନିଧି ଦଳ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଚାରି ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଓ.ଆର୍-୧୫, ଓ.ଡି-୧୫ ସମେତ ଜିଲ୍ଲାବାସୀଙ୍କ ଠାରେ ରହିଥିବା ଅନ୍ୟ ଅଞ୍ଚଳର ପଞ୍ଜୀକୃତ ଯାନବାହାନକୁ ଠିକଣା ପ୍ରମାଣ ପାତ୍ରକୁ ଆଧାର କରି ହାତୀବାରି ଟୋଲ୍ ଗେଟ୍‌ରେ ଦେୟ ମୁକ୍ତ କରାଯାଉ, ହାତୀବାରି ଅଞ୍ଚଳ ଓ ଫୁଲଝରନ୍ ଅଞ୍ଚଳରେ ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱରେ ହାତୀବାରି ଗ୍ରାମର ପଡ଼ା ମାନ ରହିଛି ଓ ଫୁଲଝରନ୍‌ରେ ଶିକ୍ଷାନୁଷ୍ଠାନ ମାନ ରହିଛି। ଶହ ଶହ ଗ୍ରାମବାସୀ, ଛାତ୍ର ଛାତ୍ରୀ ଦୈନିକ ନିଜର ବ୍ୟକ୍ତିଗତ କାର୍ଯ୍ୟ ସମ୍ପାଦନ ପାଇଁ ଏପାଖରୁ ସେପାଖକୁ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ ଅତିକ୍ରମଣ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଉଭୟ ରାସ୍ତାର ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ ନିର୍ମାଣ କରାଯାଉ ବୋଲି ଦାବି ହୋଇଛି। ମଞ୍ଚର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଡ.ପ୍ରମୋଦ ରଥ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ଆବହକ ଭବାନୀଶଙ୍କର ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ। ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରି ଦାବିଗୁଡିକ ପୂରଣ ଦିଗରେ କାର୍ଯ୍ୟ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ଦୁଇଟି ଗାଡ଼ିରୁ ୨୬ ଷଣ୍ଢ ଉଦ୍ଧାର; ୪ ଗିରଫ

**ସମ୍ବଲପୁର, ୧୪।୨(ସମିସ):** ବରେଇପାଲି ପୁଲିସ ଦୁଇଟି ଗାଡ଼ିରୁ ୨୬ ଟି ଷଣ୍ଢ ଉଦ୍ଧାର କରିବା ସହ ୪ ଜଣଙ୍କୁ ଗିରଫ କରିଛି। ବରଗଡ଼ରୁ ଏକ ଟ୍ରକ ଓ ପିକଅପ ଗାଡ଼ିରେ ଚୋରା ଚାଲାଣ କରୁଥିବା ନେଇ ପୁଲିସ ଖବର ପାଇଥିଲା। ପରେ ବରେଇପାଲି ଛକରେ ଆଜି ରାତିରେ ଦୁଇ ଗାଡ଼ିକୁ କାବୁ କରିଥିଲା। ପରେ ସମସ୍ତ ଷଣ୍ଢକୁ ଶ୍ରୀକ୍ରିଷ୍ଣା ଗୋଶାଳା ପିତାବଳିରେ ଥଇଥାନ କରିଛି। ୨୩/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଛାତ୍ର ବିଜେଡି ପକ୍ଷରୁ କଳାଦିବସ



**ସମ୍ବଲପୁର, ୧୪।୨(ସମିସ):** ବିଜେଡି ସଭାପତି ଙ୍କ ରୋହିତ ପୂଜାରୀ ନିର୍ଦ୍ଦେଶ କ୍ରମେ ଆଜି ପୁଲୱାମା ଆତଙ୍କବାଦୀ ଆକ୍ରମଣର କଳା ଦିବସ ପାଳନ କରାଯାଇଛି। ବୀର ସହିଦଙ୍କ ସ୍ମୃତି ଚାରଣ ଏବଂ ଦେଶ ପ୍ରତି ସେମାଙ୍କର ସମର୍ଥ ଭାବନା ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମେହେର ଫାଟକ ସମ୍ମୁଖରେ ନିରବ ପ୍ରାର୍ଥନା କରାଯାଇଥିଲା। ମହମ୍ମଦ ସନ୍ନଉଲ୍ଲା, ସୁରବାବୁ ମେହେର, ହାରଦୀପ ସିଂ ଭୁରଜି, ସତୟେନ ଦାସ, ପ୍ରଦୁଷ ମହାନ୍ତି, ରବୀନ୍ଦ୍ର ସିଂ, ମହିଳା ସଭା ନେତ୍ରୀ ସଂଯୁକ୍ତା ମେହେର, ପ୍ରହ୍ଲାଦ ଗୁରୁ, ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ଛାତ୍ରନେତା ସର୍ବଶ୍ରୀ ବିକି ସାହା ପ୍ରମୁଖ ଉପସ୍ଥିତ ଥିଲେ।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଗ୍ରାମସଭା

**ରେଙ୍ଗାଲି, ୧୪।୨( ସମିସ):** ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଖସଡ଼ା ଯୋଜନାର ଏକ ପ୍ରସ୍ତୁତି ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ ରେଙ୍ଗାଲି ସରପଞ୍ଚ ଡ. ଚିତ୍ତରଞ୍ଜନ ବାଗ୍ ସଭାପତିତ୍ୱ କରିଥିବାବେଳେ ସମସ୍ତଙ୍କ ମତ ଆହ୍ୱାନ କରିଥିଲେ। ରେଙ୍ଗାଲି ପଞ୍ଚାୟତକୁ କିପରି ବିକଶିତ ପଞ୍ଚାୟତ ଭାବରେ ଗଢ଼ି ତୋଳି ହେବ ସେନେଇ ଆଲୋଚନା ହୋଇଛି। ଏହା ସହ ରେଙ୍ଗାଲି ପଞ୍ଚାୟତର ପ୍ରତ୍ୟେକ ଗାଁ କିପରି ଉନ୍ନତି ପଥରେ ଆଗେଇ ଯିବ ସେନେଇ ସକରାତ୍ମକ ମତ ଆହ୍ୱାନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିଇଓ ଅଗସ୍ତି ମହାପାତ୍ର, ଏଡିଇଓ ସବିତା ତନ୍ତୀ, ଯୋଗାଣ ସହାୟିକା ମଞ୍ଜୁଲତା ବାରିକ, ଏମ୍‌ବିକେ ଅନିତା ବେହେରା, ପଞ୍ଚାୟତର ସମସ୍ତ ସିଆରପି, ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୨୨ରେ ରୋଜଗାର ମେଳା



**ସମ୍ବଲପୁର, ୧୪।୨(ସମିସ):** ମାର୍ଚ୍ଚ ୨୨ ତାରିଖରେ ସମ୍ବଲପୁରରେ ଏକ ବିରାଟ ରୋଜଗାର ମେଳା ଆୟୋଜିତ ହେବାକୁ ଯାଉଛି। ତେଣୁ ରୋଜଗାର ମେଳା ଏବଂ ପରାମର୍ଶ ଶିବିର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଉପନିର୍ଦ୍ଦେଶକ, କୌଶଳ ଉନ୍ନୟନ ଏବଂ ନିଯୁକ୍ତି ଅଧିକାରୀ ଶଙ୍କର ଚରଣ ମୁର୍ମୁଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ମେଳାର ସଫଳ ରୂପାୟନ କରିବା ପାଇଁ ସ୍ଥାନୀୟ ଉଦ୍ୟୋଗ ଏବଂ ଫ୍ୟାକ୍ଟ୍ରୀ ଗୁଡ଼ିକୁ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। କୋର କମିଟିର ସଦସ୍ୟ ଭାବେ ଉପ ଅଧୀକ୍ଷକ, ଉପଜିଲ୍ଲାପାଳ, ଆରଟିଓ ସମେତ ଅନ୍ୟ ଅଧିକାରୀ ରହିଛନ୍ତି।

## ଭିମସାର ସେମିନାର ହଲଠାରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ବୁର୍ଲା, ୧୪।୨( ସମିସ):** ପୁଲୱାମା ଆକ୍ରମଣର ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବୁର୍ଲା ଭିମସାର ସେମିନାର ହଲ ଠାରେ ଶୁକ୍ରବାର ନ୍ୟାସନାଲ ମେଡିକୋ ସଂଗଠନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ବୈଠକରେ ଡାକ୍ତର ସଞ୍ଜୀବ କୁମାର ମିଶ୍ର ଉଦ୍‌ବୋଧନ ଦେଇ ଏହି ଉତ୍ସର୍ଗୀକୃତ ବଳିଦାନ ଏବଂ ଜାତୀୟ ଏକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗୋପେଶ୍ୱରୀ ହୋତା ଡାକ୍ତରୀ ଛାତ୍ରଙ୍କ ଭିତରେ ସେବା ଭାବନା ଜାଗ୍ରତ ହେବାର ଆବଶ୍ୟକତା ବିଷୟରେ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ସତ୍ୟ ସ୍ୱରୂପ ତ୍ରିପାଠୀ, ଡାକ୍ତର ଖିରୋଜ କୁମାର ଦୁର୍ଗା, ଡାକ୍ତର ସ୍ୱାଗତିକା ତ୍ରିପାଠୀ, ଡାକ୍ତର ମୃଣାଳିନୀ ସାଏ, ଡାକ୍ତର ଜ୍ୟୋତି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ମାତୃ ପିତୃ ପୂଜନ ଦିବସ ପାଳିତ



**ହୀରାକୁଦ, ୧୪।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସନ୍ତଶ୍ରୀ ଆଶାରାମଜୀ ଆଶ୍ରମ, ସମ୍ବଲପୁରର ମାନେଶ୍ୱର ନିକଟସ୍ଥ ଝାରଗୁଲୁଣ୍ଡାର କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ବାଲ ସଂସ୍କାର ବିଭାଗର ସୁଲୋଚନା ଭଉଣୀ ଯୋଗଦେଇ ଭାରତୀୟ ସଂସ୍କୃତିରେ ପିତୃ ମାତୃ ପୂଜନ ଓ ସେମାନଙ୍କ ଆଶୀର୍ବାଦର କେତେ ମହତ୍ୱ ରହିଛି ତାହା ଉପରେ ଧାରଣା ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅଭିଭାଷଣରେ ଆମ ସଂସ୍କୃତିକୁ ସମ୍ମାନ ଦେବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର କୋଷାଧକ୍ଷ ଚୂଡ଼ାମଣି ସାହୁ, ଜ୍ୟୋତିର୍ମୟୀ ସାହୁ, ସୁବ୍ରତ ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଳୟର ଗୁରୁଜୀ ରାଜେନ୍ଦ୍ର ମଟାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ବିଶ୍ୱନାଥ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରେଳ ବିଭାଗର ପ୍ରଶଂସନୀୟ କାର୍ଯ୍ୟ

# ହଜିଥିବା ଭ୍ୟାନିଟି ବ୍ୟାଗ ମହିଳାଙ୍କୁ ଫେରାଇଲେ



**ରେଙ୍ଗାଲି, ୧୪।୨(ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ରେଳ କର୍ମଚାରୀଙ୍କ ପ୍ରଶଂସନୀୟ କାର୍ଯ୍ୟ। ହଜି ଯାଇଥିବା ଭ୍ୟାନିଟି ବ୍ୟାଗ ଖୋଜି ମହିଳାଙ୍କୁ ଫେରାଇଲେ। ସୂଚନାଯୋଗ୍ୟ ଭୁବନେଶ୍ୱର ନିବାସୀ ପ୍ରଣବ ମେହେର ଏବଂ ତାଙ୍କ ମା' ରିନା ମେହେର ଗତ ୧୩ ତାରିଖ ଦିନ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଟ୍ରେନ୍ ରେ ଯାଉଥିବାବେଳେ ରିନା ମେହେର ତାଙ୍କ ଭ୍ୟାନିଟି ବ୍ୟାଗ ଟ୍ରେନରେ ଛାଡ଼ି ଦେଇଥିଲେ। ରେଙ୍ଗାଲି ଷ୍ଟେସନ ମାଷ୍ଟରଙ୍କୁ ଏ ବିଷୟରେ ଲିଖିତ ଜଣାଇବା ପରେ ଷ୍ଟେସନମାଷ୍ଟରଙ୍କ ପ୍ରଚେଷ୍ଟାରେ ଭ୍ୟାନିଟି ବ୍ୟାଗକୁ ଉଦ୍ଧାର କରି ରିନା ମେହେରଙ୍କୁ ଫେରାଇଥିଲେ। ବ୍ୟାଗ୍‌ରେ ୪୦ ହଜାର ଟଙ୍କା, କିଛି ସୁନା ଗହଣା, ଏଟିଏମ୍ କାର୍ଡ ଆଦି ଥିଲା।

## 'ଆୱେର ହେଲ୍ପିଂ ହ୍ୟାଣ୍ଡ' ପକ୍ଷରୁ କଳା ଦିବସ ପାଳନ

**ସମ୍ବଲପୁର, ୧୪।୨(ସମିସ):** ଆଜିର ଦିନକୁ ସମଗ୍ର ଦେଶରେ ଆତଙ୍କବାଦର କଳା ଦିବସ୍ ପଳନ କରାଯାଉଛି। ଏହି ମର୍ମରେ ସ୍ଥାନୀୟ କ୍ଷେତରାଜପୁର ଅଞ୍ଚଳର ଦଲଦଲିପଡ଼ାରେ ଥିବା ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆୱର୍ ହେଲ୍ପିଂ ହ୍ୟାଣ୍ଡ ପକ୍ଷରୁ ପୁଲୱାମା ଆକ୍ରମଣର କଳା ଦିବସ ଓ ମାତୃ ପିତୃ ପୂଜନ ଦିବସ ପାଳନ ହୋଇଛି। ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦଭୂଷଣ ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ତଥା ସମ୍ବଲପୁରୀ ସଙ୍ଗଠକ ଭବାନୀ ଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଯୋଜିକା ଅନିତା ବାଗଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହ ସଂଯୋଜିକା କବିତା ବାଗ, ଉପଦେଷ୍ଟା ମାନସ ରଞ୍ଜନ ବକ୍ସି ଓ ସୂର୍ଯ୍ୟ ପାଣିଗ୍ରାହୀ ମଞ୍ଚାସିନ ରହିଥିବାବେଳେ ଅଞ୍ଚଳର ଯୁବ ନେତା ରିକି ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ରିଷ୍ଣା ବାଗ, ସୁରଜ୍ ନାଗ, ରାଜ ସୁନା ଏମ୍ ଜୟଶ୍ରୀ, ବବିତା ଛତ୍ରି, ମିନା ସୁନା, କଞ୍ଚନ ଲୁହା, ପ୍ରମୋଦିନି ଗର୍ଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକଳ୍ପ ପରିବାରର ପଞ୍ଚମ ପ୍ରତିଷ୍ଠା ଦିବସ

# ଜିଲ୍ଲାର ୮ ସହିଦ ପରିବାର ସମ୍ବର୍ଦ୍ଧିତ

ବରଗଡ଼,୧୪।୨(ସମିସ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଶୁକ୍ରବାର ସଂକଳ୍ପ ପରିବାର ପକ୍ଷରୁ ବଳିଦାନ ଦିବସ ତଥା ସଂକଳ୍ପ ପରିବାରର ପଞ୍ଚମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଫେବୃଆରୀ ୧୪ ପୁଲୱାମା ଆତଙ୍କି ହମଲାରେ ସହିଦ ହୋଇଥିବା ଭାରତର ବୀର ପୁତ୍ରମାନଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ବିଗତ ପାଞ୍ଚବର୍ଷ ଧରି ସଂକଳ୍ପ ପରିବାର ଏହି ଦିନଟିକୁ ବଳିଦାନ ଦିବସ ତଥା ସଂକଳ୍ପ ପରିବାରର ପ୍ରତିଷ୍ଠା ଦିବସ ରୂପେ ପାଳନ କରିଥାଏ । ତେବେ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁଶାନ୍ତ ସାହୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସିଆରପିଏଫ୍ ସମ୍ବଲପୁର ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଆଇଆଇଏମ ଆସିଷ୍ଟାଣ୍ଟ ପ୍ରଫେସର ସମ୍ବଲପୁର ସୁଜିତ କୁମାର ପ୍ରସେଠ, ସମ୍ମାନିତ ଅତିଥି ଭାବରେ ଉପଦେଷ୍ଟା ସଂଯୁକ୍ତ କୃଷକ ସଙ୍ଗଠନ ଉତ୍ପଳ ଭୋଇ ଏବଂ ବିପ୍ଳବୀ କବି



ଅଞ୍ଜୁ ମିତ୍ତଲଙ୍କୁ ସଂକଳ୍ପ ସେବା ସମ୍ମାନ

ନୀତିଶ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ସତପଥୀ ମଞ୍ଚ ପରିଚାଳନା କରିଥିଲେ । ସହିଦ ବୀର ଯବାନଙ୍କ ଉଦ୍ଦେଶରେ ସଂକଳ୍ପ ପରିବାର ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ସୁଶାନ୍ତ ସାହୁ ଫିତା କାଟି ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସମୁଦାୟ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ସହିଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ନିମିତ୍ତ ସମର୍ପିତ କରାଯାଇଥିଲା । ଏହି ଅବସରରେ ବରଗଡ଼ ଜିଲ୍ଲାର ୮ ଜଣ ବୀର ସହିଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହିଦ ଗଙ୍ଗାଧର ଦଳେଇ, ବରାହମୁଣ୍ଡା (ଅତାବିରା), ସହିଦ କୌଶଳ କିଶୋର ପ୍ରଧାନ, ବାବାଜୀ ମଠ, (ଅତାବିରା), ସହିଦ ନୀଳାଞ୍ଚଳ ପଟେଲ, ବାଘପାଲି, (ଭେଡେନ ), ସହିଦ ପଦ୍ମଲୋଚନ ମାଝୀ, ବରଡୋଲ, (ବରଗଡ଼), ସହିଦ ପ୍ରକାଶ ସାହୁ,କଟାପାଲି, (ବରଗଡ଼) ସହିଦ ରଞ୍ଜନ ଦାସ, ଖଣ୍ଡହତା (ବରଗଡ଼ ), ସହିଦ ଟୁକେଶ୍ୱର ଭୋଇ, ନୂଆଗାଡ଼ ( ଭଟଲି ), ସହିଦ ସଞ୍ଜୟ ବାଗ, କୁଦୋପାଲି ( ଭେଡେନ ) ଏପରି ୮ ଜଣ ବୀର ସହିଦଙ୍କ ଦାୟାଦମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ରହିଥିବା ସମାଜସେବୀ ସଂସ୍ଥା ଓ ବ୍ୟକ୍ତି ବିଶେଷ ମା' ଲିମସରିଏଁନ ଯୁବକ ସଚେତନ ସଂଘ ସମ୍ବଲପୁର ଏବଂ ସମାଜସେବୀ ଅଞ୍ଜୁ ମିତ୍ତଲଙ୍କୁ'ସଂକଳ୍ପ ସେବା ସମ୍ମାନ' ରେ ସମ୍ମାନିତ କରିଥିଲା ସଂକଳ୍ପ ପରିବାର। ସଂକଳ୍ପ ପରିବାର ସହିତ ମିଳିତ ଭାବରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଦାନ ଶିବିରର ଆୟୋଜନ କରୁଥିବା ସହଯୋଗୀ ୧୦ ଗୋଟି ଅନୁଷ୍ଠାନକୁ ସଂକଳ୍ପ ପରିବାର ସମ୍ବର୍ଦ୍ଧିତ କରିଥିଲା । ଏତତ ବ୍ୟତୀତ ସହିଦଙ୍କ ଉଦ୍ଦେଶ୍ୟରେ ଅଙ୍କିତ ରାଜଙ୍କ ଦେଶଭକ୍ତି ସଙ୍ଗୀତ ବେଶ ହୃଦୟସ୍ପର୍ଶୀ ହୋଇଥିଲା ଏବଂ ଦେଶାତ୍ମବୋଧକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦେଶପ୍ରେମୀଙ୍କ ମନକୁ ଛୁଇଁଥିଲା । କାର୍ଯ୍ୟକ୍ରମର ଶେଷରେ ସଂକଳ୍ପ ପରିବାରର ସକ୍ରିୟ ସଦସ୍ୟ ନିରାକାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଧାନଚୋରି ଘଟଣାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଭେଡେନ,୧୪।୨(ସମିସ).** ଭେଡେନ ଥାନା ଚିଚିଣ୍ଡା ଗ୍ରାମର ମିଳନ ପଡ଼ିଆରେ ଥିବା ଚାଷୀ ଦେବାର୍ଚ୍ଚନ ମେହେରଙ୍କ ୩୨ ପ୍ୟାକେଟ ଧାନ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଭେଡେନ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖିବା ସହ ସମସ୍ତ ଧାନ ପ୍ୟାକେଟ ଓ ଧାନ ବୋଝେଇ କରିନେଇଥିବା ପିକଅପ ଗାଡ଼ିକୁ ଜବତ କରିଛି। ଏଇ କିଛିଦିନ ଭିତରେ ଅନେକ ଚାଷୀଙ୍କ ଶହଶହ ବସ୍ତା ଧାନ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି, ହେଲେ କେହି ଧରାପଡ଼ିନାହାନ୍ତି। ଏହି ଘଟଣାର ସଠିକ ତଦନ୍ତ କଲେ ଏହି ଚୋର ଗୋଷ୍ଠୀ ଧରାପଡିବେ ବୋଲି ଚାଷୀମାନେ ପ୍ରକାଶ କରିଥିଲେ। ଘଟଣାକୁ ଗୁରୁତ୍ୱ ଦେଇ ନୂତନ ଭାବରେ ଯୋଗଦାନ କରିଥିବା ଭେଡେନ ଥାନା ଅଧିକାରୀ ସୁଶାନ୍ତ କୁମାର ଦାଶ ଓ ପୁଲିସ ଟିମ୍ ତଦନ୍ତ କରି ପିକଅପ ଗାଡ଼ି (ଓଡି ୧୭ ଏଡି ୦୮ ୭୬) କୁ ଜବତ କରବା ସହ ଗାଡ଼ି ଡ୍ରାଇଭର ପପଙ୍ଗା କଲୋନୀର ରାମ ମେହେର(୨୪) ଓ ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଖାଇରଝିଟିଙ୍ଗ ଗ୍ରାମର ରାମକୃଷ୍ଣ ଚିରଗୁଣ(୪୨)ଙ୍କୁ



ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ସମ୍ପୃକ୍ତ ଆଉ ଦୁଇଜଣ ଦୁଷ୍ମନ୍ତ ମେହେର ଓ ସଞ୍ଜୟ ମେହେର ଫେରାର ହୋଇଯାଇଥିବାର ପୁଲିସ ପ୍ରକାଶ କରିଛି। ଅଞ୍ଚଳରେ ହୋଇଥିବା ସମସ୍ତ ଚାଷୀଙ୍କ ଧାନ ଚୋରିରେ ଏହିମାନେ ସଂଶ୍ଳିଷ୍ଟ ଥିବାର ପୁଲିସ ସନ୍ଦେହ କରିଛି।

## ଦଣ୍ଡବତ ପ୍ରଣାମର ମହତ୍ତ୍ୱ

# ତ୍ରିବେଣୀ ସଂଗମର ଜଳ ଅର୍ପଣ



**ବରଗଡ଼ ୧୪। ୨(ସମିସ):** ଶୁକ୍ରବାର ବରଗଡ଼ ସରସ୍ୱତୀ ଶିଶୁମନ୍ଦିର ଓଡ଼ିଆ ବିଭାଗରେ ଦଣ୍ଡବତ ପ୍ରଣାମର ମହତ୍ତ୍ୱ ଉପରେ ବରଗଡ଼ ଇସ୍କନର ପ୍ରଧାନ ସେବକ ରାଜେଶ ଦାଶ ପ୍ରଭୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଦଣ୍ଡବତ ପ୍ରଣାମ ଦ୍ୱାରା ଆମ ଶରୀରର ସର୍ବାଙ୍ଗ ଜୀବକୋଷ ସତେଜ ହୋଇ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଦିନକୁ ଅନ୍ତତଃ ଥରୁଟିଏ ଦଣ୍ଡବତ ପ୍ରଣାମ କରିବା ଆବଶ୍ୟକ । ଏହି ଅବସରରେ ମହାକୁମ୍ଭ ମେଳାର ମୌନିଅମାବାସ୍ୟା ଦିନ ତ୍ରିବେଣୀ ସଂଗମରୁ ଆସିଥିବା ଜଳ ସମସ୍ତଙ୍କୁ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ, ମମତା ସା, ଗୀତାଞ୍ଜଳି ସାହୁ ଯୋଗଦେଇଥିବା ବେଳେ ଭାଗୀରଥି ଦାଶ ପ୍ରଭୁ ମୃଦଙ୍ଗ ବାଦନ କରିଥିଲେ । ଇସ୍କନ୍ ପ୍ରଚାରକ ଅଭିଜିତ ପ୍ରଭୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଛାତ୍ର ଛାତ୍ରୀ ଭାଗ ନେଇଥିଲେ ।

# ତୁଲଣ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବରପାଲି,୧୪।୨ (ସମିସ):** ବରପାଲି ବ୍ଲକ ତୁଲଣ୍ଡି ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପୂର୍ବକ ସମଲେଶ୍ୱରୀ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ପରେ ଉତ୍ସବ ମଣ୍ଡପରେ ଦୀପ ସ୍ଥାପନ କରାଯାଇଥିଲା। ଏହାପରେ ଉଦଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବଡ଼ାଇ ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାକୁ ବରଲାବହାଲ ସ୍କୁଲର ଶିକ୍ଷକ ସୋହନ ପଧାନ ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତଲମା ଉଚ୍ଚ ମାଧମିକ ବିଦ୍ୟାଳୟର ଓଡ଼ିଆ ଅଧାପକ ଲୋକବନ୍ଧୁ ପଧାନ ମୁଖ୍ୟ ବକ୍ତା, ବରପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମହରା ସ୍ୱତନ୍ତ୍ର ଅତିଥି , ସମିତି ସଭ୍ୟ ଉପେନ୍ଦ୍ର ବାଗ, ବିଜୟପଲ୍ଲୀ ପୁଲିସ ଫାଣ୍ଡି ଅଧିକାରୀ ମୋହନ ସୁନ୍ଦର ବାଗ, ହାସ୍ୟକବି ଭରତ ନାଏକ, ବିଦ୍ୟାଳୟର ଚେୟାରମ୍ୟାନ ଚିତ୍ତରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମର ଶିକ୍ଷାବିତ୍ ଲକ୍ଷ୍ମୀ ପ୍ରସାଦ ଥପା, ରଘୁନାଥ ଷଡ଼ଙ୍ଗୀ, କମଳେଶ ଭୋଇ, ପ୍ରଦୀପ ଶତପଥି, ନିତ୍ୟାନନ୍ଦ ସାହୁ ଥିଲେ। ଏଥି ସହିତ ମେଧାବୀ ଛାତ୍ରଛାତ୍ରୀ, ସର୍ବାଧିକ ଉପସ୍ଥାନ, ସମୟାନୁବର୍ତ୍ତିତା, ଶୃଙ୍ଖଳା, କଳା ହସ୍ତଶିଳ୍ପ, ନେତୃତ୍ୱ, ପରିଷ୍କାର ପରିଚ୍ଛନ୍ନତା, ଦାୟିତ୍ୱବୋଧ ଆଦି ବିଭିନ୍ନ ବ୍ୟକ୍ତିଗତ ଓ ସାମାଜିକ ଗୁଣାବଳୀ ଉପରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଷଷ୍ଠ ଶ୍ରେଣୀ ଛାତ୍ରୀ ସୁମନ ସାହୁଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜମି ରେଜିଷ୍ଟ୍ରେସନରେ ଅବ୍ୟବସ୍ଥା

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ କ୍ଷୋଭ ପ୍ରକାଶ

**ପଦ୍ମପୁର/ପାଇକମାଳ, ୧୪।୨ (ସମିସ):** ଜମି ରେଜିଷ୍ଟ୍ରେସନ ପାଇଁ ପାଇକମାଳ ତହସିଲଦାର ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ଦିନ ଧାର୍ଯ୍ୟ କରିଛନ୍ତି। ତଦନୁସାରେ କ୍ରେତା ବିକ୍ରେତା ପ୍ରସ୍ତୁତ ହୋଇ ଆସିଥାନ୍ତି। ସ୍ଲଟ ବୁକିଂ ସହ ଷ୍ଟାମ୍ପ ପେପରରେ ସମସ୍ତ ଲେଖା ସରିଯିବା ପରେ ତହସିଲଦାରଙ୍କ ଅନୁପସ୍ଥିତ ଯୋଗୁଁ ରେଜିଷ୍ଟ୍ରେସନ ହୋଇପାରେନାହିଁ। ଏମିତି ବାରମ୍ବାର ହେବା ଦ୍ୱାରା ଦୂରଦୂରାନ୍ତର ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଲୋକଙ୍କ ଅତ୍ୟାବଶ୍ୟକ ଥିଲେ ସୁଦ୍ଧା ଜମି ବିକ୍ରି କରିପାରନ୍ତି ନାହିଁ। ସୂଚନାଯୋଗ୍ୟ ଯେ, ଗତ ୪ ତାରିଖରେ ତହସିଲଦାର ମିଟିଂ ଗଲେ, ୭ରେ ବଡ଼ ବାବୁ ଅନୁପସ୍ଥିତ, ୧୪ରେ ପୁଣି ତହସିଲଦାର ମିଟିଂ କଲେ। ରେଜିଷ୍ଟ୍ରେସନ ପାଇଁ ଦିନ ଧାର୍ଯ୍ୟ କରିଥିବାରୁ ଲୋକମାନେ ବହୁ ହଇରାଣ ହେଉଛନ୍ତି। ତେଣୁ ଉପଜିଲ୍ଲାପାଳ,ଏଡିଏମ ଦୃଷ୍ଟିଦେବାକୁ ପଦ୍ମପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚମ୍ପକେଶ୍ୱର ପୁରୋହିତ ଜଣାଇଛନ୍ତି।

## ନିଷ୍ଠା ପରିବାରର ରେଡ୍ ଡ୍ରପ୍ ମାରାଥନ

# ୩୧ ୟୁନିଟ୍ ରକ୍ତ ସଂଗୃହୀତ



**ବରଗଡ଼,୧୪। ୨(ସମିସ):** ବରଗଡ଼ ବ୍ଲକ ଗାଇସିମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଶ୍ୱକର୍ମା ନଗରଠାରେ ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁଙ୍କ ଝିଅ ସିମିର ଜନ୍ମଦିନ ଅବସରରେ ବିଶ୍ୱକର୍ମା ନଗରବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରେଡ୍ ଡ୍ରପ୍ ମାରାଥନର ୪୪ ତମ ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଲକ୍ଷ୍ମୀ ବିକାଶର ଅଧକ୍ଷ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତାକାଟି ଶୁଭାରମ୍ଭ କରିଥିଲେ। ଶିବିରରୁ ସର୍ବମୋଟ ୩୧ ୟୁନିଟ୍ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ନିଜ ଝିଅର ଜନ୍ମଦିନରେ ଏକ ରକ୍ତଦାନ ଶିବିର ଆୟୋଜନ କରି ଅନେକ ଆନନ୍ଦ ଉଲ୍ଲାସର ସହ ଜନ୍ମଦିନ ପାଳନ କରିଥଲେ ସାହୁ ପରିବାର। ବିଶ୍ୱକର୍ମା ନଗରବାସୀ ଓ ଅନ୍ୟ ରକ୍ତଦାତାମାନେ ଉତ୍ସାହର ସହିତ ରକ୍ତଦାନ କରିଥିଲେ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର, ୧୪।୨ (ସମିସ):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ପାଇଁ ପରାମର୍ଶ ତଥା ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇସାରିଛି । ଉକ୍ତ ସଭାରେ ସଭାପତି ତଥା ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ଆଗାମୀ ବାର୍ଷିକ ପରୀକ୍ଷାରେ ଭଲକରିବା ତଥା ଜୀବନରେ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ । ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀମାନଙ୍କୁ ପରୀକ୍ଷା ପାଇଁ ଟିପ୍ସ ଦେଇ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ପୂଜାରାଣୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ରବୀନା ପଧାନ,ସଂଯୁକ୍ତା ଭୋଇ,ମନିଷା ଭୋଇ,ବୃନ୍ଦାବତୀ ସାହୁ , ଖୁସବୁ ବରିହା ,ଜ୍ୟୋତି ରେଖା ମହାନନ୍ଦ ,ଅମନ ପଣ୍ଡା,ପ୍ରଭାତୀ ପଟ୍ଟନାୟକ,ମମତା ମିଶ୍ର ,ନିଳୀମା ରାଣୀ ମହାନ୍ତି,ସୁଷମା ଦାଶ,ଦୁଷ୍ମନ୍ତ ଛତର,କମଳା କୁମ୍ଭାର,ପ୍ରଭାସିନୀ ସାହୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ଆମ ସଂସ୍କୃତି, ଆମ ଖେଳଣା ଓ ବାର୍ଷିକୋତ୍ସବ

**ମାଣ୍ଡୋସିଲ,୧୪।୨(ସମିସ):** ପାଇକମାଳ ବ୍ଲକ ଖପୁରାଡିହି ପ୍ରାଥମିକ ବିଦ୍ୟାଳୟରେ ଗଜରାଜ ସିଂ ପୁଟାଙ୍କ ସଭାପତିତ୍ୱରେ ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଡୋଲାମଣୀ ମାହାର ଓ ସମ୍ମାନିତ ଅତିଥି ଭାବରେ ବରତୁଣ୍ଡା ସରପଞ୍ଚ ରୀତା ସୁନା, ସିଆରସିସି ଉଗ୍ରସେନ ପ୍ରଧାନ, ବ୍ରଜକିଶୋର ଜେନା, ବିଜୟୀ କୁମାର ସ୍ୱାଇଁ, ନିତ୍ୟାନନ୍ଦ ସୁନା, ଅବସରପ୍ରାପ୍ତ ପରିଦର୍ଶକ ମିତ୍ରଭାନୁ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତୀଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡୋଲାମଣୀ ମାହାର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରାମନାଥ ବାଗ, ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା ତଥା ଗ୍ରାମବାସୀ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ ଧନ୍ୟବାଦ ଦେଇଥିଲେ।

# ଆମ ସଂସ୍କୃତି, ଆମ ଖେଳଣା ଓ ବାର୍ଷିକୋତ୍ସବ

**ମାଣ୍ଡୋସିଲ, ୧୪।୨(ସମିସ):** ପାଇକମାଳ ବ୍ଲକ ମହାରାଣୀ ମେରିପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପୂଜାରୀଙ୍କ ସଭାପତିତ୍ୱରେ ଆମ ସଂସ୍କୃତି, ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ଡୋଲାମଣୀ ମାହାର ଓ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ବଳଦେବ ପୁରୋହିତ,ସିଆରସିସି ଉଗ୍ରସେନ ପ୍ରଧାନ, ନୀଳମଣି ପୁରୋହିତ,ଅନନ୍ତ ତାଣ୍ଡି ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସିଆରସିସି ବିଜୟ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା ତଥା ଗ୍ରାମବାସୀ ସହଯୋଗ କରିଥିଲେ।

# ନୃସିଂହନାଥ ଏସ୍ଏସ୍‌ଡି ହାଇସ୍କୁଲରେ କ୍ରୀଡ଼ା ଉତ୍ସବ



**ପାଇକମାଳ, ୧୪।୨ (ସମିସ) :** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ନୃସିଂହନାଥ ଏସଏସଡି ହାଇସ୍କୁଲରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ଜିଲ୍ଲାସ୍ତରୀୟ ହାଇସ୍କୁଲମାନଙ୍କର ଏକ ଦିବସୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲାର ୭ଗୋଟି ହାଇସ୍କୁଲର ୮୪ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏହି କ୍ରୀଡ଼ାକୁ ମୁଖ୍ୟ କ୍ରୀଡ଼ା ଶିକ୍ଷକ ପ୍ରୀତମ ପଣ୍ଡା, ନମିତା ସାହୁ, ଭେରୀନାଥ ବାଗ, ସୁଶାନ୍ତ ସାହୁ, ଅକ୍ଷୟ ସାହୁ ପ୍ରମୁଖ କ୍ରୀଡ଼ା ଶିକ୍ଷକମାନେ ପରିଚାଳନା କରିଥିଲେ। ମୁଖ୍ୟତଃ ୬ଗୋଟି ଇଭେଣ୍ଟରୁ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଲେଖାଏଁ ୩୬ ଜଣ ଙ୍କୁ ଚୟନ କରାଯାଇଥିଲା । କ୍ରୀଡ଼ା ଶେଷ ହେଲା ପରେ ମାର୍ଚ୍ଚ ପାଷ୍ଟ କରାଯାଇ କ୍ରୀଡ଼ା ପତାକାକୁ ମୁଖ୍ୟ ଅତିଥିଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଅନୁଷ୍ଠିତ ସଭାରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବରଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ମଳୟ ଶତପଥୀ, ମୁଖ୍ୟବକ୍ତା ସୁନୀଲ ଭୋଇ, ସମ୍ମାନିତ ଅତିଥି ସମାଜସେବୀ ବଡ଼ ଶତପଥି ପ୍ରମୁଖ ଯୋଗଦେଇ କ୍ରୀଡ଼ାରେ ଭାଗନେଇଥିବା ସମସ୍ତ ଖେଳାଳିଙ୍କୁ ଧନ୍ୟବାଦ ଦେଇ କୃତୀ ୩୬ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ବିଦ୍ୟାଳୟ ପାଚିକାଙ୍କ ପରଲୋକ

**ପାଇକମାଳ, ୧୪।୨ (ସମିସ) :** ପାଇକମାଳ ବ୍ଲକ୍ ଛେତଗାଁ ଗ୍ରାମ ପଞ୍ଚାୟତ ପରସଖଣ୍ଡି ପ୍ରାଥମିକ ବିଦ୍ୟାଳୟର ପାଚିକା



ଭୋଳ ବିହାର (୫୦)ଙ୍କ ଶୁକ୍ରବାର ଅକାଳ ବିୟୋଗ ହୋଇଯାଇଛି। ତାଙ୍କ ବିୟୋଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜାମକୀ ନେଗୀ, ଶିକ୍ଷୟିତ୍ରୀ ସନ୍ତୋଷିନୀ ପଟେଲ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ତଥା ଛାତ୍ର ଛାତ୍ରୀମାନେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । କାର୍ଯ୍ୟରତା ପାଚିକାଙ୍କ ପରିବାରକୁ ମୃତ୍ୟୁକାଳୀନ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଚଣ୍ଡୀଭଟାରେ ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି

**ଝାରବନ୍ଧ, ୧୪।୨(ସମିସ):** ଝାରବନ୍ଧ ବ୍ଲକ ଚଣ୍ଡୀଭଟା ଗ୍ରାମରେ ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ମନୋଜ ନାୟକ ଓ ଜନନୀ ନାୟକ ଗୌନ୍ତିଆ ଦମ୍ପତି ମୁଖ୍ୟ କର୍ତ୍ତାଭାବରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଡୁଙ୍ଗୁରିପାଲି, ଅଡ଼ାପାଣି, ଠେଲକୋଡୁବୁରୀ, ଖରସିବାଞ୍ଜି, ଜଡ଼ାମୁଣ୍ଡା, ଝାରବନ୍ଧ, ଚଣ୍ଡୀଭଟା, ଝଏର, ଘନାମାଲ ଦଳ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ନେହେରୁ ମହାପାତ୍ର ପୂଜା, ହୋମ କରିଥିଲେ। ଡା. ନରେନ୍ଦ୍ର ପ୍ରଧାନ, ଦିଲ୍ଲୀପ ନାୟକ, ସୁଶୀଲ ପ୍ରଧାନ, ନୀଳାମ୍ବର ସାହୁ, ଭୀମସେନ ନାୟକ, କ୍ଷୀରସାଗର ବରିହା, ନୀଳମଣି ବରିହାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସମସ୍ତ ଭକ୍ତମାନଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା।

# 'ବିକାଶ'ରେ 'ପାପା କେହତେ ହୈଁ' ସ୍ମାରକୀ ବକ୍ତୃତା



**ବରଗଡ଼, ୧୪।୨(ସମିସ):** ବିକାଶ ହାୟର୍ ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ସରେ 'ପାପା କେହତେ ହୈଁ' ଶୀର୍ଷକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ରାମଚନ୍ଦ୍ର ରାଓଙ୍କ ୨୯ତମ ପୁଣ୍ୟ ତିଥିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିଫ୍ ଏଡମିନଷ୍ଟ୍ରେଟିଭ୍ ଅଫିସର ଇଂ. ଅଜୟ କୁମାର ମହାପାତ୍ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଏହି ଅବସରରେ ବିକାଶ ଯାତ୍ରାର ସ୍ମୃତିଚାରଣ କରିବା ସହିତ 'ପାପା କେହତେ ହୈଁ' ଭଳି ସାର୍ଥକ କାର୍ଯ୍ୟକ୍ରମ ସଫଳ ଆୟୋଜନ ପାଇଁ ଆୟୋଜକଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଜି. ସିରି କ୍ରିଷ୍ଣା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପିତା-ପୁତ୍ର ସଂପର୍କ ଉପରେ ଅଭିଭାଷଣ ରଖି ଥିଲେ। ଏହି ସ୍ମାରକୀ ଅବସରରେ ବି. ସଂଚିତା ପାତ୍ର,ବିକାଶ ଡିଗ୍ରୀ କଲେଜ, ସାଇନା ବିଶ୍ୱାଳ, ବିକାଶ ଲ' ସ୍କୁଲ ଓ ଅଭିନାଶ ସାହୁ, ବିକାଶ ନର୍ସିଂ କଲେଜ ପୁରସ୍କୃତ ହୋଇଥିବାବେଳେ ବିଦ୍ୟା ବିକାଶର ସିଏମଡି. ଜି. ଭାସ୍କର ରାଓ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସିରି କ୍ରିଷ୍ଣା ଏବଂ ଡ଼କ୍ଟର ଜି. ବୈଷ୍ଣବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଅଧ୍ୟାପିକା ସୌମ୍ୟାଶ୍ରୀ ମିଶ୍ରଙ୍କ ଦ୍ୱାରା ସଂଚାଳିତ କାର୍ଯ୍ୟକ୍ରମଟି ସଂପନ୍ନ ହୋଇଥିଲା ।

## ନିଆରା ବ୍ୟକ୍ତିତ୍ୱ ସୁଦର୍ଶନ ମହାରଣା

# ୩୦ ବର୍ଷ ହେଲା ଠେଲାଗାଡ଼ିରେ ବିକୁଛନ୍ତି ଜଳଖିଆ

ବରଗଡ, ୧୪।୨(ସମିସ)

ବରଗଡ଼ ଏସପି ଅଫିସ ସାମ୍ନାରେ ଦୀର୍ଘ ୩୦ ବର୍ଷ ହେବ ଏକ ଛୋଟିଆ ଜଳଖିଆ ଦୋକାନ ଦେଇଛନ୍ତି ସୁଦର୍ଶନ ମହାରଣା । ବିଗତ ୩୦ ବର୍ଷ ଭିତରେ ସେ କେତେ ଯେ ଝଡ଼ ଝଞ୍ଜା ଦେଇ ଗତି କରିଛନ୍ତି, ତା'ର କଳନା ନାହିଁ। ସେ ଭିତରେ ନିଜର ଦୁଇ ପୁଅ ଝିଅଙ୍କୁ ଉଚ୍ଚଶିକ୍ଷିତ କରିପାରିଛନ୍ତି। ଏକ ସ୍ଥାୟୀ ଦୋକାନଟିଏ ପାଇଁ ବରଗଡ଼ ପୌର ପରିଷଦଙ୍କ ଠାରେ ଅନେକ ଥର ଲିଖିତ ଅନୁରୋଧ କରିଥିଲେ ବି ଏ ପର୍ଯ୍ୟନ୍ତ ସୁଦର୍ଶନଙ୍କ ଭଗ୍ୟାରେ ମିଳିପାରିନି। ଭୋର୍ ୪ ଟାରୁ ଆସି ଏକ ଠେଲା ଗାଡ଼ିରେ ଦୋକାନ ଖୋଲି ଆଳୁ ବରା, ଆଳୁଚପ,ପକୁଡ଼ି, ବରା ଆଦି ଜଳଖିଆ ତିଆରି କରିଥାନ୍ତି। ମାତ୍ର ୧୦/୨୦ ଟଙ୍କାରେ ଗ୍ରାହକଙ୍କୁ ହସି ହସି ପେଟ ପୂରା ଜଳଖିଆ ଖାଇବାକୁ ଦେଇଥାନ୍ତି । ଏକ ପ୍ରକାର ସେବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିକାର ମହାଙ୍ଗା ଦୁନିଆରେ ୧୦/୨୦ ଟଙ୍କାରେ କିଛି ବି ମିଳୁନି। ହେଲେ ସୁଦର୍ଶନ ଗ୍ରାହକଙ୍କୁ ଖୁସିରେ ଖାଇବାକୁ ଦେଇ ନିଜେ ବେଶ୍ ଖୁସି ଅନୁଭବ କରିଥାନ୍ତି। ପୁଅ ଝିଅ ପାଠ ପଢ଼ି ସାରିବା ପରେ ଏବେ ଚାକିରି ଅପେକ୍ଷାରେ ଅଛନ୍ତି। ଏତେ ଅସୁବିଧା ଭିତରେ ବି ରହି ସେ ପରିବାର ପାଇଁ ସଂଘର୍ଷ କରି ଚାଲିଛନ୍ତି । କେବେ ପୌର ପ୍ରଶାସନର ଦୃଷ୍ଟି ସୁଦର୍ଶନଙ୍କ ଉପରେ ପଡ଼ିବ, ଦେଖିବାକୁ ବାକି ରହିଲା ।



## ରବିବାର ବରଗଡ଼ ଜିଲ୍ଲାରେ ବନ୍ଦ ରହିବ ବିଦ୍ୟୁତ୍ ଯୋଗାଣ

ବରଗଡ଼,୧୪। ୨(ସମିସ): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ) ପକ୍ଷରୁ ୧୩୨/୩୩ କେଭି ପ୍ରଧାନପାଲି ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବରଗଡ଼ ଜିଲ୍ଲା ଅନ୍ତର୍ଗତ ବଡ଼ମାଲ, ବାଞ୍ଜିବିକଲା, ଭଟଲି, ବେନ୍ଦ୍ରିଗଡ଼, ଦେଓଗାଁ, ଗାଇସିମା, ଗୋବିନ୍ଦପୁର, ଗୋପାଳପୁର, କାମଗାଁ, କଟାପାଲି, କେନ୍ଦୁଗୁଡ଼ା, ଲାଣ୍ଡିଝୁରି, ପ୍ରଧାନପାଲି, ସରଧାପାଲି, ତେରେଙ୍ଗପାଲି, ତୋରା, ଆମ୍ବାପାଲି ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୧୬ (ରବିବାର) ସକାଳ ୮ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

### ଜମିରେ ଲାଗିଥିବା ନିଆଁ ପବନ ବେଗରେ ମାଡ଼ିଲା

# ବସ୍ ଓ ଘର ପୋଡ଼ି ଛାରଖାର



ଗାଇସିଲେଟ, ୧୪।୨(ସମିସ): ଗାଇସିଲେଟ ଥାନା ମାହାରପାଲି ଦୁର୍ଗା ଛକରେ ଅଗ୍ନିକାଣ୍ଡ ଘଟିଛି । ଜଳିଯାଇଛି ବସ୍ ସହ ପାଖରେ ଥିବା ଘର । ଛକ ନିକଟ ଜମିରେ ପ୍ରଥମେ ନିଆଁ ଲାଗିଥିବା ବେଳେ ହଠାତ୍ ଗାଁ ମୁହାଁ ହୋଇଥିଲା ନିଆଁ । ପବନର ବେଗରେ ନିଆଁ ମାହାରପାଲି ଛକକୁ ଘେରିଯାଇଥିଲା । ସେଠି ଛିଡ଼ା ହୋଇଥିବା ବସ୍ ନିଆଁର ପ୍ରକୋପରେ ଆସି ଜଳିଯାଇଥିଲା । ପରେ ପାଖରେ ଥିବା ଏକ ମାଟିଘର ମଧ୍ୟ ଜଳି ଧ୍ୱଂସ ହୋଇଯାଇଥିଲା । ଘର ଭିତରେ ଥିବା ପିଲାଙ୍କ ସ୍କୁଲ୍ ପ୍ରମାଣ ପତ୍ର, ଧାନ, ଚାଉଳ, ସୁନା ସହ ସମସ୍ତ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ଏନେଇ କ୍ଷତିପୂରଣ ଦାବି କରିଛନ୍ତି ପରିବାର ଲୋକେ । ଘଟଣାସ୍ଥଳରେ ଗାଇସିଲେଟ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି । କେଉଁ କାରଣରୁ ନିଆଁ ଲାଗିଲା, ଏ ପର୍ଯ୍ୟନ୍ତ ଜଣାପଡିନାହିଁ । ପବନର ବେଗ ଏମିତି ଥିଲା ଯେ, କେଇ ମିନିଟ୍ ଭିତରେ ନିଆଁ ସଙ୍ଗେ ସଙ୍ଗେ ଚାରିଆଡ଼େ ବ୍ୟାପିଯାଇଥିଲା । ତିନିଟି ଛୁଆଙ୍କ ସମସ୍ତ ସାର୍ଟିଫିକେଟ ପୋଡ଼ି ପାଉଁଶ ହୋଇଯାଇଛି । ଗରିବ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି ।

## ପ୍ରେରଣା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଅତାବିରା, ୧୪। ୨(ସମିସ): ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ପଞ୍ଚଦିବସୀୟ ତାଲିମ କାର୍ଯ୍ୟକ୍ରମ ପ୍ରେରଣା ଉଦଯାପିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ, ସ୍ଥାନୀୟ ପ୍ରଧାନ ଶିକ୍ଷକ ମନୋଜ ହରିପାଲ,ସିଆରସିସି ନୃପ ଭୋଇ,ରଘୁଭ୍ ପଣ୍ଡା, ଜିଲ୍ଲା ସାଧନ କର୍ମୀ ନନ୍ଦିଘୋଷ ଭୁଏ । କାର୍ଯ୍ୟକ୍ରମରେ ସମସ୍ତ ନବନିଯୁକ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ । ତାଙ୍କ ଦକ୍ଷତା ବିକାଶ ନିମିତ୍ତ ଏହି ତାଲିମ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ସିଆରସିସି ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, ଧରମ୍ ନାଏକ ଏବଂ ରଶ୍ମିରାଣୀ ନନ୍ଦ ତାଲିମ ପ୍ରଦାନ କରିଥିଲେ ।

## କୌଟିଲ୍ୟ ଗ୍ଲୋବାଲ ସ୍କୁଲରେ ମାତୃପିତୃ ପୂଜନ ଦିବସ

ବରଗଡ଼, ୧୪।୨(ସମିସ): ମାଷ୍ଟର ଟିକ୍ରା ଅନ୍ତର୍ଗତ କୌଟିଲ୍ୟ ଗ୍ଲୋବାଲ ସ୍କୁଲରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଅଭିଭାବକ ସଂଘର ଜିଲ୍ଲା ସଭାପତି ବିମଳ କୁମାର ଦାଶ, ମୁଖ୍ୟବକ୍ତା ଭାବରେ ଜନକଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ଡ. ମୁକୁନ୍ଦ ଦାଶ,ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ବରମନ, ବିଦ୍ୟାଳୟ ପ୍ରିନ୍‌ସିପାଲ ସୁମନ୍ତ ଆଚାର୍ଯ୍ୟ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ମାତା ପିତାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନାକ୍ଷୀ ସୁହୁଲା, ନମ୍ରତା ଭୋଇ, ଶୋଭନା ପଟ୍ଟନାୟକ, କମଳିନୀ ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଦୃଷ୍ଟି ସେବା ସଦନ ପକ୍ଷରୁ ବୃକ୍ଷରୋପଣ



ବରଗଡ,୧୪। ୨(ସମିସ): ଦୃଷ୍ଟି ସେବା ସଂଗଠନ, ବରଗଡ଼ ତରଫରୁ ପୁଲୱାମାରେ ଶହୀଦ ହେଇଥିବା ଯବାନମାନଙ୍କ ସ୍ମୃତିରେ ଇଗଲ ସୋସିଆଲ ଗ୍ରୁପର ପ୍ରତିଷ୍ଠାତା ସମାଜସେବୀ ରାଜୁ ମହାନନ୍ଦଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଛି । ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ପୁଲିସର ସଡ଼କ ସୁରକ୍ଷା ସଚେତନତା



ପଦ୍ମପୁର, ୧୪।୨ (ସମିସ): ଆଦର୍ଶ ଥାନା ପଦ୍ମପୁର ପୁଲିସ ଆନୁକୂଲ୍ୟରେ ସ୍ଥାନୀୟ ଭେଡ଼ଁରିଆ ଛକରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଆଦର୍ଶ ଥାନାଧିକାରୀ ମମତା ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଛାତ୍ରୀଗଣ ସାମିଲ ହୋଇ ସମସ୍ତ ଟ୍ରାଫିକ ନିୟମ, ସଡ଼କ ସୁରକ୍ଷା ନେଇ ଲୋକଙ୍କୁ ସଚେତନତା କରିଥିଲେ । କାର୍ଯ୍ୟକ୍ରମରେ ପଦ୍ମପୁରର ପୁଲିସ କର୍ମଚାରୀ ସାମିଲ ହୋଇଥିଲେ ।

## ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ବରଗଡ଼, ୧୪।୨ (ସମିସ): ଆଜି ବରଗଡ଼ ମହିଳା ସମିତି ପକ୍ଷରୁ ପୁଲୱାମାରେ ସହିଦ ହୋଇଥିବା ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସମାରୋହରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ସୈନିକ ସରୋଜ ମହାପାତ୍ରଙ୍କୁ ତଥା ସେନାରେ କାର୍ଯ୍ୟରତ ଦୁଇଜଣ ସୈନିକଙ୍କ ପତ୍ନୀ ତଥା ମହିଳା ସମିତିର ସଦସ୍ୟା ସୁଧାଂଶୁବାଳା ଦାସ ଓ ସୁଜାତା ପ୍ରଧାନଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଅତିଥି ସମିତିର ଉପଦେଷ୍ଟା ସମାଜସେବୀ ସର୍ଦ୍ଦାର ପ୍ରୀତମ ସିଂ ଓ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମିଶ୍ର ବକ୍ତବ୍ୟ ରଖିଥିଲେ । ସମିତିର ସଭାନେତ୍ରୀ ହର୍ଜିନ୍ଦର୍ କୌର ସଭାପତିତ୍ୱ କରିଥଲେ ଏବଂ ବରିଷ୍ଠ ସଦସ୍ୟା ରାଧାରାଣୀ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସହିଦଙ୍କ ସ୍ମୃତିରେ ସୁଜାତା ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଅଞ୍ଜନା ଦାସ, ରାଧାରାଣୀ ମିଶ୍ର ଓ ସସ୍ମିତା ପଟ୍ଟନାୟକ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ ।

### ନଳକୂପ ଖୋଳି ବିଦ୍ୟୁତ୍ ସଂଯୋଗ ଦେଲେନି

# ଜିଲ୍ଲାପାଳଙ୍କୁ ଭେଟି ଚାଷୀଙ୍କ ଦାବିପତ୍ର ପ୍ରଦାନ



ବରଗଡ,୧୪।୨ (ସମିସ): ବିଜୁ କୃଷକ କଲ୍ୟାଣ ଯୋଜନାରେ ୩, ୭୦୦ ଗଭୀର ନଳକୂପ ୨୦୨୩ ମସିହାରୁ ଖୋଳା ହୋଇଛି, ହେଲେ ସେହି ଗଭୀର ନଳକୂପରେ ବର୍ତ୍ତମାନ ସୁଦ୍ଧା ଲାଇନ ଲଗାଯାଇପାରିନାହିଁ । ପ୍ରତ୍ୟେକ ଦିନ କୌଣସି ନାଁ କୌଣସି ଗାଁର ଲୋକ ଓଡ଼ିଶା ଉଠାଜଳସେଚନ ଅଫିସ ବରଗଡ଼, ବିଦ୍ୟୁତ ଅଧିକାରୀଙ୍କ ଅଫିସକୁ ଧାଇଁ ଧାଇଁ ହଇରାଣ ହେଲେଣି । କେଉଁ ଅଫିସକୁ ଗଲେ ତୁରନ୍ତ ଲାଇନ ଲଗାଯାଇ ପାରିବ ଜାଣିପାରୁନାହାନ୍ତି ଚାଷୀ । ସେଥିପାଇଁ ଜିଲ୍ଲାପାଳଙ୍କଠୁ ଆରମ୍ଭ କରି ବିଭିନ୍ନ ଅଫିସ ଅଫିସ ଦୌଡୁଛନ୍ତି ଚାଷୀମାନେ । ଆଜି ବିଭିନ୍ନ ଗ୍ରାମର ଚାଷୀ ଆସି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଛନ୍ତି । ସେମାନଙ୍କ ମଧ୍ୟରେ ରଜାବୋଡ଼ାସମ୍ବର କୃଷକ ସଙ୍ଗଠନର କୈଳାସ ବାରିକ ଏବଂ ଝାରବନ୍ଧ ବ୍ଲକର କୁମ୍ଭୀର, ଚିରୋଲି ଗ୍ରାମର ଚାଷୀ ସରୋଜ ସାହୁ, ଶ୍ରୀନିବାସ ସାହୁ, ତରଣୀ ସାହୁ, ଶ୍ୟାମଲାଲ ସାହୁ, ଶରତ ସାହୁ, ପ୍ରେମଲାଲ ପାଣ୍ଡେ, ଲାଲବିହାରୀ ସାହୁ, ମଧୁସୂଦନ ବିଶ୍ୱାଳ ଏବଂ କାନ୍ତିଲାଲ ଭୋଇ ଆସିଥଲେ । ସେମାନଙ୍କ କହିବା ଅନୁସାରେ ବାରମ୍ବାର ଆସି ଅଭିଯୋଗ କଲେ ପାଞ୍ଚଦିନ ମଧ୍ୟରେ ଲାଇନ ଲଗାଯିବ ବୋଲି କହିଥାନ୍ତି, ହେଲେ କାମହୁଏ ନାହିଁ । ଆଜି ମଧ୍ୟ ୧୫ ଦିନ ମଧ୍ୟରେ ଲାଇନ ଲାଗିଯିବ ବୋଲି କହିଛନ୍ତି । ହେଲେ କାର୍ଯ୍ୟକାରୀ ନ ହେଲେ ଆମେ ମାର୍ଚ୍ଚ ମାସରୁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି କହିଛନ୍ତି ।

## ଛତିଶଗଡ଼ରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ବର୍ଦ୍ଧନା



ବରଗଡ଼,୧୪। ୨(ସମିସ): ପିଥୋରାର ସୁଖାପାଲି ଶାସକୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ପଦ୍ମଶ୍ରୀ ଡ. ହଳଧର ନାଗ । ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ କବିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ । ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ସୁଖାପାଲିବାସୀଙ୍କ ତରଫରୁ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ସରପଞ୍ଚ ସୁଧୀର ପ୍ରଧାନ ସଭାପତିତ୍ୱ କରିଥିଲେ । ଏଥିରେ ବାବା ବିଶାଶହେ କୂଳ କୁଲିତା ସମାଜର ରାଜ୍ୟ କମିଟି ସଭ୍ୟ ଷଡ଼ାନନ ଭୋଇ, ଗ୍ରାମର ପ୍ରମୁଖ ବ୍ୟକ୍ତି ରମେଶ ପ୍ରଧାନ, କହ୍ନେୟା ପ୍ରଧାନ, ପ୍ରେମରାଜ ପ୍ରଧାନ, ପୂର୍ବତନ ସମିତି ଅଧ୍ୟକ୍ଷ ସୁଦର୍ଶନ ମୁନା, ଅଜିତ ପ୍ରଭାକର, ବିଭିନ୍ନ ସଙ୍ଗଠନ ଓ ବିଶିଷ୍ଟ ବ୍ୟକ୍ତି କବିଙ୍କୁ ଉତ୍ତରୀୟ, ନାରିକେଳ, ପୁଷ୍ପମାଲ୍ୟ ଓ ସ୍ମୃତିଚିହ୍ନ ଦେଇ ସମ୍ମାନିତ କରିଥିଲେ । ଗ୍ରାମର ବିଭିନ୍ନ ସ୍ଥାନରେ ତୋରଣ ମରାଯାଇଥିଲା । ସଂକୀର୍ତ୍ତନ୍ୟ ସହ ପ୍ରତ୍ୟେକ ଘର ଆଗରେ ଦୀପ କଳସ ବସାଯାଇ ମହିଳାମାନେ କବିଙ୍କ ଗୋଡ଼ ଧୋଇଥିଲେ । ଫେରିବାବେଳେ ସମୟରେ ସାଂକ୍ରା ବଣିକ ସଂଘ, ସମେତ ଖଟଖଟି ଓ ବସନାଠାରେ ମଧ୍ୟ କବି ହଳଧରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଛତିଶଗଡ଼ର ବିଶିଷ୍ଟ ଶିକ୍ଷାବିତ, କବି ବଦ୍ରିପ୍ରସାଦ ପୁରୋହିତ, ରାଷ୍ଟ୍ରଭାଷା ସମିତିର ବରିଷ୍ଠ ସଦସ୍ୟ ତଥା ସାହିତ୍ୟିକ ମୀନକେତନ ଦାସ ଏବଂ କବି ଅଶୋକ କୁମାର ପୂଜାହାରୀ ମଧ୍ୟ ଯୋଗ ଦେଇଥିଲେ ।

## କ୍ରିଷ୍ଣା ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବରଗଡ,୧୪। ୨(ସମିସ): କ୍ରିଷ୍ଣା ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ, ବରଗଡ଼ ଦ୍ୱାରା ମୁଖ ମଣ୍ଡଳ ଏବଂ ମୁଖ ଜନ୍ମନାଡ଼ ସର୍ଜରୀ ସଚେତନତା ଦିବସ ବରଗଡ଼ ବିକାଶ ଅଡିଟୋରିୟମରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ କ୍ରିଷ୍ଣା ବିକାଶ ହସ୍ପିଟାଲ୍‌ର 'କ୍ରେନିଓ ମେକ୍ସିଫ୍ଲୋଫେସିଆଲ୍ ସର୍ଜରୀ ବିଭାଗ' ର ମୁଖ୍ୟ ଡାକ୍ତର ଡା. ସୌଭିକ୍ ଦାସୁକିଲ୍ ପରିଚାଳିତ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କୁ ମୁଖ କର୍କଟର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରତିରୋଧ ବିଷୟରେ ସଚେତନ କରିବା ଏବଂ ମୁଖ ମଣ୍ଡଳର ପୁର୍ନଗଠନ , ଜନ୍ମଜାତ ଗ୍ରହଣ ଖଣ୍ଡିଆ ଚିକିତ୍ସା ଏବଂ ଟ୍ରମା ସେବା ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରୁପମା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବେକ ଦଶାରୀ ,ଡାକ୍ତର ସୁଭାଷ ଅଗ୍ରୱାଲ୍ , ଡାକ୍ତର ସୌଭିକ୍ ଦାସୁକିଲ୍ ଅଂଶଗ୍ରହଣ କରିଥିଲେ ।

## ବାବା ବାଲୁଙ୍କେଶ୍ୱର ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳୁ

### ● ବିଭାଗୀୟ ମନ୍ତ୍ରୀଙ୍କୁ ବିଧାୟକଙ୍କ ଦାବିପତ୍ର ପ୍ରଦାନ



ବରଗଡ଼,୧୪।୨(ସମିସ): ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ କେବଳ ବରଗଡ଼ ଜିଲ୍ଲାରେ ୬ ଟି ପୀଠ ରହିଛି । ତେବେ ସେ ମଧ୍ୟରୁ ବରଗଡ଼ ବ୍ଲକ୍ ଅନ୍ତର୍ଗତ ଗାଇସୀମା ଗ୍ରାମର ପ୍ରସିଦ୍ଧ ଶ୍ରୀ ଶ୍ରୀ ବାବା ବାଲୁଙ୍କଶ୍ୱର ମନ୍ଦିର ଅନ୍ୟତମ । ଏବେ ସରକାର ପର୍ଯ୍ୟଟନ କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଗାଇସୀମାର ଏହି ବହୁ ପୁରାତନ ଶୈବପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ସହ ବିକାଶ ପାଇଁ ଅନୁରୋଧ କରିଛନ୍ତି ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ । ବରଗଡ଼ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଏହି ପୀଠର ଉନ୍ନତି ପାଇଁ ୨ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ ପାଇଁ ଅନୁରୋଧ କରି ଉପମଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ଖୁବ୍ ଶୀଘ୍ର ଏହି ଅନୁଦାନ ରାଶିର ଆବଣ୍ଟନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା ପ୍ରତିଶ୍ରୁତି ଦେଇଥିବା ବିଧାୟକ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ।

## ଟାଲଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ମେଲଛାମୁଣ୍ଡା, ୧୪।୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଟାଲ ଗ୍ରାମଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସର୍ଗିବାହାଲ ତରଫରୁ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ୧୦୦ ଜଣ ରୋଗୀଙ୍କୁ ଚିକିତ୍ସିତ କରାଯାଇଥିଲା । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସର୍ଗିବାହାଲର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ସୁରଙ୍ଗିନୀ ସୁନାଙ୍କ ତତ୍ତ୍ୱାବଧାନରେ ଆୟୁଷ ମେଡିକଲ ଅଫିସର ମେଲଛାମୁଣ୍ଡାର ଡ. ଦେବାଶିଷ ରଥ ଯୋଗଦେଇ ଚିକିତ୍ସିତ କରିଥିଲେ । ରକ୍ତ ପରୀକ୍ଷାରେ ଚାନ୍ଦିନୀ ସୁନା ସହଯୋଗ କରିଥିଲେ । ଏହି ଶିବିରରେ ଯୋଗ,ଅଣ ସଂକ୍ରମଣ ରୋଗ ଚିହ୍ନଟ,ଟିବି,କୁଷ୍ଠ,ରକ୍ତ ଶିକୁଳି,ଥାଲାସେମିଆ ରୋଗ ପାଇଁ ଔଷଧ ବିତରଣ,ଟିକାକରଣ,ପରାମର୍ଶ ସେବା, ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ମାନ କରାଯାଇଥିଲା । ବିଭିନ୍ନ ପ୍ରକାର ଔଷଧ ରୋଗୀଙ୍କୁ ବିତରଣ କରାଯାଇଥିଲା ।



## ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପଦ୍ମପୁର, ୧୪।୨ (ସମିସ): ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ରାଜବୋଡ଼ାସମ୍ବର ଆନୁକୂଲ୍ୟରେ ସ୍ଥାନୀୟ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ,ପଦ୍ମପୁର ଠାରେ ପ୍ରାଥମିକ ଶିକ୍ଷା ପରିଷଦର ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ପ୍ରେରଣା ଉଦଯାପିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନକଲାଲ୍ ମେହେର୍ ,ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ଯୋଶୀ, ବିଶିକେଶନ ଶତପଥୀ ଏବଂ ସାଧନକର୍ମୀ ଭାବେ ଶେଷଦେବ ସାହୁ, ଦଶରଥ କଲେତ, ନରେନ୍ଦ୍ର ଜାଲ ଓ ଗୋବର୍ଦ୍ଧନ ବରିହା ମଞ୍ଚାସୀନ ଥିଲେ । ପଞ୍ଚଦିବସୀୟ ଏହି ତାଲିମ ଶିବିରରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ଶ୍ରୀ ସୋମନାଥ ବାବାଙ୍କ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ଅତାବିରା,୧୪। ୨(ସମିସ): ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଠାରେ ଶ୍ରୀ ଶ୍ରୀ ସୋମନାଥ ବାବାଙ୍କ ଶିବମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି । ଆଜି କଳସ ଯାତ୍ରା ସହ ଅଙ୍କୁରାରୋପଣ,ମଣ୍ଡପ ସଂସାର,ଅଧିବାସ କର୍ମ ସୂର୍ଯ୍ୟପୂଜା, ଗୋପୂଜା ଓ ଷୋଳସ ସ୍ତମ୍ଭ ପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରତୁଲ କୁମାର କର୍ଣ୍ଣ, ସୁଶୀଲ ପ୍ରଧାନ, ଭାଗିରଥି ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜୟନ୍ତ ପ୍ରଧାନ, ହରିହର ପ୍ରଧାନ, ଅଶୋକ ପ୍ରଧାନ, ଚମ୍ପେଶ୍ୱର ମହାକୁର, ବିକାଶ ପ୍ରଧାନ, ରାଜୁ କର୍ମୀ, କୈବଲ୍ୟ ପ୍ରଧାନ, ଅରବିନ୍ଦ ପର୍ଡିଆ, ଅକ୍ଷୟ ଚିର୍ଗୁଣ,ସୁରେନ୍ଦ୍ର ନାଏକ ଓ ପ୍ରଶାନ୍ତ ମହାକୁର ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି । ମୁଖ୍ୟ ପୁରୋହିତ ହିମାଂଶୁ ତ୍ରିପାଠୀ,ସୁଶାନ୍ତ ଦାଶ, ସୀତାଂଶୁ ତ୍ରିପାଠୀ, ନିସର୍ଗେସ ମିଶ୍ର ଓ ଆଜାଦ ତ୍ରିପାଠୀଙ୍କ ଦ୍ୱାରା ପୂଜା ଓ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହେଉଛି । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ମା' ନାରାୟଣୀ କୃଷ୍ଣଗୁରୁ, ଅନ୍ଧାରିପାଲି, ଛୁମକୁ ଛୁମା କଳାପରିଷଦ, ସିଙ୍ଗେନ ପାଲି ଓ ରାବଣ ଦରବାର ଅନୁଷ୍ଠିତ ହୋଇଛି ।

# ବରଗଡ଼-ଭୁବନେଶ୍ୱର ନୂଆ ଇଣ୍ଟରସିଟି ଟ୍ରେନ ଚଳାଚଳ କରିବାକୁ ଦାବି



ପଦ୍ମପୁର,୧୪।୨ (ସମିସ): ପ୍ରତ୍ୟହ ସକାଳୁ ବରଗଡ଼ରୁ ଭୁବନେଶ୍ୱରକୁ ଇଣ୍ଟରସିଟି ଟ୍ରେନ ଚଳାଚଳ କରିବାକୁ ଜନସାଧାରଣଙ୍କ ଆବଶ୍ୟକତା ରହିଛି ଏବଂ ଅନେକ ଥର ଦାବି କରାଯାଇଛି । ତେଣୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ବରଗଡ଼ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ଦାବି କରିବା ସହ ଏହି ରୁଟରେ ଇଣ୍ଟରସିଟି ଚଳାଚଳ କରିବାକୁ ଅନୁରୋଧ କରିଛନ୍ତି । ଭୁବନେଶ୍ୱରକୁ ପ୍ରତିଦିନ ସକାଳେ ଇଣ୍ଟରସିଟି ଚଳାଚଳ କଲେ ଗୋଟିଏ ଦିନରେ ଭୁବନେଶ୍ୱର ଯାଇ ପୁଣି ବରଗଡ଼ ଫେରିପାରିବେ । ଚିକିତ୍ସା, ଶିକ୍ଷା , ସରକାରୀ, ବ୍ୟବସାୟିକ,ଅନେକ ସରକାରୀ ବେସରକାରୀ କାର୍ଯ୍ୟ ସହଜରେ କରିପାରିବେ । ବରଗଡ଼ ରୋଡ୍ ଏବଂ ବଲାଙ୍ଗିର ଷ୍ଟେସନ ପୂର୍ବତଟ ରେଳବାଇର ସମ୍ବଲପୁର ଡିଭିଜନ ଅଧୀନରେ ଅଛି । ବରଗଡ଼ ରୋଡ/ ବଲାଙ୍ଗିରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନୂଆ ଟ୍ରେନ କିମ୍ବା ୧୮୦୩/୩୦୪ ପୁରୀ-ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ଼/ ବଲାଙ୍ଗିର ପର୍ଯ୍ୟନ୍ତ ୨-ରେକ୍ ଟ୍ରେନ ଭାବେ ପରିବର୍ତ୍ତନ କରାଯାଉ ବୋଲି ସାଂସଦ ଶ୍ରୀ ପୁରୋହିତ ଦାବି କରିଛନ୍ତି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନେକ ଦିନର ଦାବିକୁ ପୂର୍ବତଟ ରେଳବାଇ ରାଜି ହୋଇଥିଲା । କିନ୍ତୁ କୌଣସି କାରଣବଶତଃ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । ବରଗଡ଼ ଭଳି ଅବହେଳିତ ଅଞ୍ଚଳ ପାଇଁ ଟ୍ରେନ୍ ସୁବିଧା ଅତ୍ୟନ୍ତ ଆବଶ୍ୟକ । ଲୋକଙ୍କ ଭାବାବେଗକୁ ବିଚାର କରି ଏବଂ ପଶ୍ଚିମ ଓଡ଼ିଶାର ଏହି ଅଞ୍ଚଳର ପୁରୁଣା ଦାବି ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଛନ୍ତି । ଏହାସହ ପାଇକମାଳ ରେଳଷ୍ଟେସନର ନାମ ପରିବର୍ତ୍ତନ କରି ନୃସିଂହନାଥ ମନ୍ଦିର ରେଳ ଷ୍ଟେସନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଜନଶତାବ୍ଦୀ ଏକ୍ସପ୍ରେସକୁ ଝାରସୁଗୁଡା ପର୍ଯ୍ୟନ୍ତ ସମ୍ପ୍ରସାରଣ ସହ ହାତିଆ ଝାରସୁଗୁଡ଼ା ପାସେଂଜର ଟ୍ରେନକୁ ରାୟଗଡ଼ ଓ କୋଭିଡ୍ ସମୟରେ ବନ୍ଦ ହୋଇଥିବା ନିଜାମୁଦ୍ଦିନ୍-ରାୟଗଡ଼ ଗୋଣ୍ଡୱାନା ଏକ୍ସପ୍ରେସ ଟ୍ରେନକୁ ପୁନଃ ଚଳାଚଳ କରିବାକୁ ରେଳମନ୍ତ୍ରୀଙ୍କ ପାଖରେ ଦାବି ରଖିଛନ୍ତି ।

### ରେଳମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ସାଂସଦ

### ପାଇକମାଳ ରେଳଷ୍ଟେସନର ନାମ ପରିବର୍ତ୍ତନ କରିବାକୁ ପ୍ରସ୍ତାବ

# ରାଜସ୍ୱ ଗ୍ରାମର ମାନ୍ୟତା ପାଇଲା ୫୨ ନୂତନ ପଡ଼ା ଗ୍ରାମ

**ଝାରସୁଗୁଡା, ୧୪ ।୨(ସମିସ):**

ଝାରସୁଗୁଡ଼ା ଜିଲ୍ଲାର ୫୨ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସୁପାରିଶକୁ ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ତରଫରୁ ଅନୁମୋଦନ କରାଯାଇଛି। ଏକ କାଳୀନ ଏତେ ଗୁଡ଼ିଏ ପଡ଼ାଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ଜିଲ୍ଲା ପ୍ରଶାସନ ନିମନ୍ତେ ଏକ ବଡ଼ ସଫଳତା। ନୂଆ ରାଜସ୍ୱ ଗ୍ରାମ ସୃଷ୍ଟି ନିମନ୍ତେ ଜିଲ୍ଲାରେ ମୋଟ ୧୩୮ଟି ପଡ଼ା ଗ୍ରାମକୁ ଚିହ୍ନଟ କରାଯାଇଥିଲା। ଏଥି ମଧ୍ୟରୁ ୨୨ଟି ପଡ଼ା ଗ୍ରାମକୁ ୨୦୧୬-୧୭ ମସିହାରେ ରାଜସ୍ୱ ଗ୍ରାମ ରୂପେ ମାନ୍ୟତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ରାଜସ୍ୱ ପର୍ଷଦ ଜିଲ୍ଲାର ଆଉ ୫୨ଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ଲଖନପୁର ତହସିଲର ୧୯ଟି, କୋଲାବିରାର ୧୦ଟି, କିର୍ମିରାର ୧୦ଟି, ଲଇକେରାର ୧୧ଟି ଓ ଝାରସୁଗୁଡା ତହସିଲର ୨ଟି ପଡ଼ା ଅନ୍ତର୍ଭୁକ୍ତ। ନୂତନ ରାଜସ୍ୱ ଗ୍ରାମ ଗୁଡିକ ମଧ୍ୟରେ ଲଖନପୁର ତହସିଲର ଫଟାପାଲି, ନୂଆଭେଜିକୁଦ, ସୁନାରୀ, ସେନାମାଲ, ଖମାରଡ଼ିହି, ପଣ୍ଡାଟିକ୍ରା, ଗୁଣ୍ଡୁଲିମାଲ, ଖାଲିଆପାଲି, ବେହେରାପଡ଼ା, ବିରେନବନ୍ଧ, ପତ୍ରାପାଲି, ଝର୍କଟାପାଲି, ଅଇଁଲାଝରଣ, ଭଇଁସୁମୁଡ଼ା, ସେଦେରା, ବାନ୍ଦିପାହାଡ଼, ଜୁନିଆଁ, ବେହେରାଗୁଡା ଓ ବେଜିବନ୍ଧ ଅନ୍ତର୍ଭୁକ୍ତ। ସେହିପରି କୋଲାବିରାର ବୁଚାମୁଣ୍ଡା, କାଲିବାହାଲ, ଦବକା, ବଡ଼ା ମୁଣ୍ଡା, ଜଗଲାଡିହି, ମାଳିଡ଼ିହି, ଭୀମଜୋର, ଘଣ୍ଟାମାଲ, ପାଉଙ୍ଗାଡ଼ିହି ଓ ଚାନ୍ଦିନୀମାଲ ଅନ୍ତର୍ଭୁକ୍ତ। କିର୍ମିରା ତହସିଲର ଜାମକାନି, ଜୁନାପାଲି, ଶରଧାପାଲି, ଧୂଳିବାହାଲ, ଶଙ୍କରବାହାଲ, ବେହେରାମାଲ, ରଙ୍ଗିଆଟିକ୍ରା, ମାଲିଦେଉଁରା, ଗୁଜାପଡ଼ା ଓ କଣ୍ଟାପାଲି, ଲଇକେରା ତହସିଲର ଭୁଲିଆଡ଼ିହି, ବାଗଡ଼ିହି, କେଁଡିହି, ରେଙ୍ଗାଲି, କୁମେରଡ଼ିହି, ଝରିଆ ବାହାଲ, କୁମ୍ଭାରୀ, ଜାମଡିହି, ହୁଡୁକୁଡିହି, ଠାକୁରପଡ଼ା ଓ ରଙ୍ଗିଆଟିକ୍ରା ଅନ୍ତର୍ଭୁକ୍ତ। ସେହିପରି ଝାରସୁଗୁଡା ତହସିଲର ହରେକୃଷ୍ଣପୁର ଓ ଖମନଟିକ୍ରା ନୂତନ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଛି। କୋଲାବିରା ଓ ଲଇକେରାର ଆହୁରି ୫ଟି ନୂତନ ଗ୍ରାମ ପ୍ରସ୍ତାବ ଜିଲ୍ଲା ସ୍ତରରେ ବିଚାରାଧୀନ ଅଛି। ରାଜସ୍ୱ ଗ୍ରାମ ନିମନ୍ତେ ଯୋଗ୍ୟତା ଥିବା ସମସ୍ତ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ରୂପେ ଚିହ୍ନଟ କରି ନୂଆ ପ୍ରସ୍ତାବ ଦାଖଲ ନିମନ୍ତେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ନୂତନ ଭାବେ ଅନୁମୋଦିତ ହୋଇଥିବା ରାଜସ୍ୱ ଗ୍ରାମଗୁଡିକର ନକ୍ସା ଓ ଖତିଆନ ପ୍ରସ୍ତୁତି ଖୁବ ଶୀଘ୍ର ଆରମ୍ଭ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ନୂତନ ରାଜସ୍ୱ ଗ୍ରାମର ଅଧିବାସୀମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଶୁଭେଚ୍ଛା ଜଣେଇବା ସହ ସମସ୍ତ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କୁ ସେମାନଙ୍କ ଉଦ୍ୟମ ଓ ଅବଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଶଂସା କରାଯାଇଛି।

## ସ୍ୱଚ୍ଛ ସର୍ବେକ୍ଷଣ ଓ ଜନ ସଚେତନତା କାର୍ଯ୍ୟକ୍ରମ




**ଦେବଗଡ଼, ୧୪ ।୨(ସମିସ):** ଦେବଗଡ଼ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଓ ଜନ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି ସ୍ଥାନୀୟ ପ୍ରଧାନ ପାଟ ଜଳପ୍ରପାତ ନିକଟରେ ସ୍ୱଚ୍ଛ ସର୍ବେକ୍ଷଣ ଏବଂ ଜନ ସଚେତନତା କାର୍ଯ୍ୟକ୍ରମକୁ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ପୌରପରିଷଦ ଭାରପ୍ରାପ୍ତ ନଗରପାଳ ପ୍ରଜିତ ଭୋଜ ଶୁଭାରମ୍ଭ କରିଥିଲେ। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ପିଙ୍କି ରାଣୀ ସାହୁ, ସରୋଜିନୀ ମୁଣ୍ଡା, ବାସନ୍ତୀମଣି ମାଝୀ, ସଂଯୁକ୍ତା ଆଚାର୍ଯ୍ୟଙ୍କ ସମେତ ସମସ୍ତ ସ୍ୱଚ୍ଛସାଥୀ, ସୁପରଭାଇଜର ଓ ପରିମଳ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପର୍ଯ୍ୟଟନ ସ୍ଥଳି ପ୍ରଧାନପାଟ ସଫେଇ କରିଥିଲେ।

## ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ରକ୍ତଦାନ ଶିବିର

ଝାରସୁଗୁଡା, ୧୪ ।୨(ସମିସ): ଝାରସୁଗୁଡା ଜିଲ୍ଲା ପଞ୍ଚପଡ଼ାସ୍ଥିତ ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷା ମମତା ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିଥଲେ। ପ୍ରଧାନ ଆଚାର୍ଯ୍ୟ ମମତା ସିଂହ ଓ ସମ୍ପାଦକ ଦିଗାମ୍ବର ମାଝୀଙ୍କ ତତ୍ତ୍ୱାବଧାନରେ ଅନେକ ବ୍ୟକ୍ତି ରକ୍ତଦାନ କରିଥିଲେ। ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁଚିତ୍ରା ନାହାକ, ସନ୍ତୋଷ ନାହାକ, ଦିଗାମ୍ବର ମାଝୀ, ପ୍ରେମାନନ୍ଦ ପଟେଲ, ବିକାଶ ପାତ୍ର, ସତ୍ୟଜିତ ସୁତାର, ପ୍ରମୋଦ ସେଠ୍, ସନ୍ତୋଷ ପ୍ରଧାନ, ମନୋଜ ଜାମକିଆର, ବିଚିତ୍ର ସାହୁ, ହିମାଂଶୁ ରଞ୍ଜନ ସାହୁ, ଯୁବୁଲୁ ମାଝୀ, ରୋହିତ ସେନ, ପ୍ରମୋଦ ସେନ, ଚୁମକି ମହାନ୍ତି, ମୟଙ୍କ କୁମାର, କ୍ଷମାମୟୀ ସାହୁ, ବାବୁଲି ମିଶ୍ର, ରୂପେଶ ପଟେଲ, ଦେବାଶିଷ ମେହେର, ଚନ୍ଦନ କାନ୍ତର, ଗୋବିନ୍ଦ ଜେନା, ଆଶିଷ ପଣ୍ଡା, ସତ୍ୟରଞ୍ଜନ ରାଉତ, ପ୍ରମୋଦ ବନ୍ଧା, ସନ୍ଦୀପ କହଁର, ରାକେଶ ଲାଯୁର, ରୋହିତ ମହାରଣା ପ୍ରମୁଖ ରକ୍ତଦାନ କରିଥିଲେ।

## ଅଭିଭାବକ, ଶିକ୍ଷକ ଓ ବିଦ୍ୟାର୍ଥୀ ସମ୍ମିଳନୀ

ଦେବଗଡ଼, ୧୪ ।୨(ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗରେ ଶିକ୍ଷକ, ଅଭିଭାବକ ଓ ବିଦ୍ୟାର୍ଥୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଦ୍ୟାର୍ଥୀ କିପରି ପାଠପଢ଼ା ପ୍ରତି ମନୋନିବେଶ କରିବେ ଏହି ସମ୍ମିଳନୀର ଉଦ୍ଦେଶ୍ୟ ରହିଥିଲା। କେବଳ ଶିକ୍ଷକଙ୍କ ଦାୟିତ୍ୱ ନୁହେଁ; ଅଭିଭାବକଙ୍କ ମଧ୍ୟ ଗୁରୁ ଦାୟିତ୍ୱ ରହିଥିବା ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ବିଦ୍ୟାର୍ଥୀ ଅଧିକ ସମୟ ଘରେ ରହିଥାନ୍ତି। ଏଣୁ ଅଭିଭାବକମାନେ ପିଲାଙ୍କ ପାଠପଢ଼ା ପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଛି। ଅଧକ୍ଷ ବିଜୟ ମହାରଣା ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ।

## ପାଲା ମାଧ୍ୟରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା



**ଝାରସୁଗୁଡା, ୧୪ ।୨(ସମିସ):** ଝାରସୁଗୁଡା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ବନ ସୁରକ୍ଷା ସମିତି ତଥା ଗ୍ରାମରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଛି। ତାଲମୁଣ୍ଡା ସେକ୍ସନର ବରହାମୂଷା, ବଡ଼ଡୁରିଆମ ଏବଂ ବାଗଡ଼ିହି ସେକ୍ସନର ପାକେଲଖୋଲ, ଭୀମଜୋର, ସାରସମାଲ ଏବଂ କାଦୋବାହଲ ଗ୍ରାମରେ ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ନିଆଁ ନ ଲାଗିବ ତାହାକୁ ଆଖି ଆଗରେ ରଖି ସଚେତନତା କରାଯାଇଛି। 'ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା' ବାର୍ତ୍ତା ଦେଇ ସଚେତନ କରାଯାଇଥିଲା। ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ସୁଶ୍ରୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ବନାଞ୍ଚଳ ଅଧିକାରୀ ବନ୍ଦନା ପସାୟତ, ଫରେଷ୍ଟର ମୁରାରୀ ପ୍ରାସାଦ ସାହୁ, ଅମୀର ପଟେଲ, ଟିମ୍ ଲିଡ଼ର ଚୁଡାମଣି ବେହେରା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**• ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍**

## ପ୍ରେମ ଆଳରେ ଦୁଷ୍କର୍ମ ଅଭିଯୋଗ

**ଦେବଗଡ଼, ୧୪ ।୨(ସମିସ):** ଦେବଗଡ଼ ଥାନାଞ୍ଚଳର ଜଣେ ଯୁବତୀଙ୍କ ଯୁବତୀ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରଲ ହୋଇଛି। ରିଆମାଳ ଥାନା ବେଗୁନିଆନାଳୀ ଗ୍ରାମର ଜଣେ ଯୁବକ ପ୍ରେମ ଆଳରେ ତାଙ୍କୁ ଦୁଷ୍କର୍ମ କରିଛି। ଦେବଗଡ଼ ଥାନାରେ ଏହି ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଛି। ଅଭିଯୁକ୍ତ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ରିଆମାଳ ଥାନା ବେଗୁନିଆନାଳୀ ଗ୍ରାମର ଶଶୀ କିଷାନ ଗତ ପ୍ରାୟ ଏକ ମାସ ହେବ ଯୁବତୀଙ୍କ ସହ କଥାବାର୍ତ୍ତା ହୋଇ ବନ୍ଧୁତା ସ୍ଥାପନ କରିଥିଲା। ଗତ ୪ ତାରିଖ ରାତିରେ ଯୁବତୀ ଜଣକ ରହୁଥିବା ଭଡା ଘରକୁ ଆସି ବଳପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ଏଥିସହ ଯୁବତୀଙ୍କ ଘରକୁ ବିବାହ ପ୍ରସ୍ତାବ ପଠାଇଥିଲା; ମାତ୍ର ଯୁବତୀ ଓ ତାଙ୍କ ପରିବାର ଲୋକ ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଏଣୁ ଶଶୀ ଯୁବତୀଙ୍କୁ ବଳପୂର୍ବକ ଉଠାଇ ନେବାର ଧମକ ଦେବା ସହ ହତ୍ୟା ଧମକ ଦେଇଛି। ୪ ତାରିଖ ଦିନ ବଳ ପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ ବେଳେ ଚତୁରତାର ସହ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଭାଇରଲ କରିଛି। ଏ ନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି



**ଝାରସୁଗୁଡା, ୧୪ ।୨(ସମିସ):** ପୁଲୱାମାରେ ସହିଦ ହୋଇଥିବା ବୀର ଯବାନମାନଙ୍କ ସ୍ମୃତିରେ ବେଲପାହାଡ ଫାଟକରେ ବେଲପାହାଡ ୟୁଥ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ବୀର ଯବାନମାନଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ କରି ସେମାନଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଛି। ଦେଶମାତୃକାର ସେବା ପାଇଁ ଜୀବନ ଦେଇଥିବା ଏହି ବୀର ଯବାନମାନଙ୍କଠାରେ ଦେଶବାସୀ ଋଣୀ। ସେମାନଙ୍କ ବଳିଦାନ ଦେଶବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ ବୋଲି ବେଲପାହାଡ ୟୁଥ୍ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁନ୍ନା ପାତ୍ର, ଦିଲୀପ କୁର୍ମୀ, ଟୁଲୁ ମେହେର, ହେମସାଗର ପଟ୍ଟନାୟକ, ପିଙ୍କୁ ମିଶ୍ର, ବାବଲୁ ପ୍ରଧାନ, ରାଜେଶ ପଶାୟତ, ଭାସ୍କର ପଟେଲ, ଜୟଶ୍ରୀ ଟପ୍ପୋ, ରୋଷନ୍ ରଥ, ଅଭିଜିତ ପ୍ରଧାନ, ମାନସ ସାହୁ, ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, ନବୀନ ଡିଲା ପ୍ରମୁଖଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

**• କିରିତମାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି**

## ୨ଦିନ ଧରି ବିଦ୍ୟାଳୟ ଯାଇନାହାନ୍ତି ଛାତ୍ରଛାତ୍ରୀ

ଝାରସୁଗୁଡା, ୧୪ ।୨(ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ କିରିତମାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ମୋଟ ୫୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନରେ ବ୍ୟାପକ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ଏହାସହ ଶିକ୍ଷକ ନିଯୁକ୍ତି ଦାବିରେ ମଙ୍ଗଳବାର ବିଦ୍ୟାଳୟରେ ପରିଚାଳନା କମିଟି ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଯାଇଥିଲା। ଗୁରୁବାର ଏବଂ ଶୁକ୍ରବାର ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇନାହାନ୍ତି। ବିଦ୍ୟାଳୟରେ ଆବଶ୍ୟକତା ମୁତାବକ ଶିକ୍ଷକ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ବିଦ୍ୟାଳୟରେ ଜଣେ ଶିକ୍ଷକ ଯୋଗ ଦେଇଛି। ପରେ ଆବଶ୍ୟକତା ମୁତାବକ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଝାଡ଼ଖଣ୍ଡରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ

**ଦେବଗଡ଼, ୧୪ ।୨(ସମିସ):** ଝାଡ଼ଖଣ୍ଡ ସିମଡେଗା ଥାନା ସରାଇପାଣି ଘାଟି ନିକଟରେ ଏକ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ଦୁର୍ଘଟଣା ଗସ୍ତ ହୋଇଛି। ବସ୍‌ଟି ପଶ୍ଚିମ ଓଡ଼ିଶାରୁ ଯାତ୍ରୀ ଧରି କୁମ୍ଭମେଳା ମହାସ୍ନାନ ପାଇଁ ପ୍ରୟାଗରାଜ ଯାଇଥିଲା। ତୀର୍ଥ ଯାତ୍ରା କରି ସମ୍ବଲପୁର ଫେରୁଥିବା ବେଳେ ରାଜ୍ୟ ପରିବହନ ନିଗମର ଏହି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ବସ୍ ଶୁକ୍ରବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏକ ମାଲ୍ ବୋଝେଇ ଟ୍ରଲର ବସ୍‌ର ଗୋଟିଏ କଡରେ ଘସି ହୋଇଯାଇଥିଲା। ଏଣୁ ବସ୍‌ର ଡାହାଣ ପାଖ ସମସ୍ତ ଝରକା ଓ ଶୀତତାପ ନିୟନ୍ତ୍ରଣ ଗ୍ରିଲ୍ ଭାଙ୍ଗିରୁଜି ଚୁରମାର ହୋଇ ଯାଇଛି। ଏହାଦ୍ୱାରା କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ବସ୍‌ରେ ଦେବଗଡ଼ ସହରର ଗୋଟିଏ ପରିବାରର ୫ ଜଣ ସଦସ୍ୟ ରହିଥିବା ବେଳେ ମୋଟ ୫୨ ତୀର୍ଥଯାତ୍ରୀ ଯାତ୍ରା କରୁଥିଲେ। ସୂଚନା ପାଇ ସିମଡେଗା ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରଲରକୁ ଜବତ କରିଛି। ଏକ ମାମଲା ରୁଜୁ କରି ଘାଟଣାର ତଦନ୍ତ ଜାରି ରଖିଛି। ତେବେ ସନ୍ଧ୍ୟାରେ ବସ୍‌ଟି ତୀର୍ଥ ଯାତ୍ରୀଙ୍କୁ ନେଇ ସମ୍ବଲପୁର ପହଞ୍ଚିଛି।

## ସାଧୁବେଶରେ ଲୁଟୁଥିବା ୪ ଜଣିଆ ଗ୍ୟାଙ୍ଗ୍ ଗିରଫ

**ଝାରସୁଗୁଡା, ୧୪ ।୨(ସମିସ):** ସାଧୁ ବେଶରେ ଲୋକଙ୍କୁ ଲୁଟ୍ କରୁଥିବା ଏକ ୪ଜଣିଆ ଗ୍ୟାଙ୍ଗକୁ ସମ୍ବଲପୁରର ଏକ ହୋଟେଲରୁ ଝାରସୁଗୁଡା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଉତ୍ତରାଖଣ୍ଡର ସାହିଦ(୨୮), ମହମ୍ମଦ ଇକବାଲ(୩୧), ଉତ୍ତରପ୍ରଦେଶ ଜୋହାର ଅଲି(୨୧), ମହମ୍ମଦ ଇସଲମ (୪୨)। ଅଭିଯୁକ୍ତମାନଙ୍କଠାରୁ ଦୁଇଟି ବାଇକ, ୪ଟି ମୋବାଇଲ, ସୁନା ପାଉଁଜି, ସୁନା ଚେନ୍, ସୁନା ମୁଦି, କାନ ଫୁଲ, ସୁନା ଲକେଟ ଓ ଟଙ୍କା ଜବତ ହୋଇଚି। ଝାରସୁଗୁଡା ଏସପିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଆଇଜି ହିମାଂଶୁ ଲାଲ ଏବଂ ଝାରସୁଗୁଡା ଏସ୍‌ପି ସ୍ମିତ ପି ପରମାର ସୂଚନା ଦେଇଛନ୍ତି।

ଏମାନେ ନିଜକୁ ହରିଦ୍ୱାର ସାଧୁ କହି ବୟସ୍କା ମହିଳାଙ୍କୁ ଟାର୍ଗେଟ କରୁଥିଲେ। ସେମାନେ ତଥା ସେମାନଙ୍କ ପରିବାର ବିଭିନ୍ନ ଅସୁବିଧାରେ ଥିବା କହି ସେମାନଙ୍କୁ ବଶବର୍ତ୍ତୀ କରୁଥିଲେ। ଏକ ଶୁଦ୍ଧିକ୍ରିୟା ପରେ ସବୁ ଅସୁବିଧା ଦୂର ହେବ କହି କିଛି ସୁନା ଗହଣା ଏକ ପେପେର କିମ୍ବା ବ୍ୟାଗ ଉପରେ ରଖିବା ପାଇଁ କହୁଥିଲେ। ଏହାପରେ ଶୁଦ୍ଧିକ୍ରିୟା କରିବାର ଅଭିନୟ କରି ସୁନା ଗହଣା ଲୁଟ କରି ଫେରାର ମାରୁଥିଲେ। ଝାରସୁଗୁଡା ଏବଂ ବେଲପାହାଡ ଥାନାରେ ଏହିପରି୨ଟି ମାମାଲା ରୁଜୁ ହୋଇଥିଲା। ଏହାପରେ ପୁଲିସ ଟିମ ଗଠନ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ପରସିଆଁରେ ୩୨ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ଉଦ୍‌ଯାପିତ

ବ୍ରଜରାଜନଗର, ୧୪ ।୨(ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ କଦମଡ଼ିହି ପଞ୍ଚାୟତ ପରିସିଆଁ ଗ୍ରାମରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ବତିଶ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ବତିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ରବିବାର କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ସୋମବାରରୁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ କରାଯାଇଥଲା। ଶୁକ୍ରବାର ପୂର୍ଣ୍ଣାହୁତି, ନଗର ଭ୍ରମଣ, ଦଧିଭଞ୍ଜନ ପରେ ନାମଯଜ୍ଞର ସମାପ୍ତ ହୋଇଥିଲା। ଗୁରୁବାର ବୈଷ୍ଣବ ମିଳନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ପାଶ୍ଚାତ୍ୟ ସଭ୍ୟତା ପରିବର୍ତ୍ତେ ମାତୃପିତୃ ପୂଜାର ଆହ୍ୱାନ



**ଝାରସୁଗୁଡା, ୧୪ ।୨(ସମିସ):** ବିଟିଏମ୍ କାଳୀମଣ୍ଡପରେ ଝାରସୁଗୁଡ଼ା ଯୋଗ ବେଦାନ୍ତ ସେବା ସମିତି ଦ୍ୱାରା ମାତୃପିତୃ ପୂଜା କରାଯାଇଛି। ପାଶ୍ଚାତ୍ୟ ସଭ୍ୟତାର କୁସଂସ୍କାର ଭାଲେଣ୍ଟାଇନ ଡେକୁ ବର୍ଜନ କରି ମାତୃପିତୃ ପୂଜର ଭଳି ସଂସ୍କାରକୁ ଆପଣେଇବାକୁ ଏହି ଦିବସରେ ଆହ୍ୱାନ ଦିଆଯାଇଛି। ଅକ୍ଷୟ ଭୂୟାଁ, ରମେଶ ସିଂ, ତପନ ଚନ୍ଦ୍ର, ରାଜା ରାଓ, ଗୁରୁଦେବ ଜେନା, ନରେନ୍ଦ୍ର ଆପଟ, ମୃତ୍ୟୁଞ୍ଜୟ ପାଲ, ଗଜେନ୍ଦ୍ର ରୋହିଦାସ, ମନୀଷ ରାୟ, ଶ୍ରୀକାନ୍ତ ପଟେଲ ଓ ପରମେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୋବିନ୍ଦପୁର ବୃଦ୍ଧାଶ୍ରମରେ ମଧ୍ୟ ମାତୃ ପିତୃ ପୂଜା କରାଯାଇଛି। 'ସେବା ହିଁ ପୂଜା ହେ' ଅନୁଷ୍ଠାନର ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରମୋଦ ବିଶି, ଦିନେଶ ସାହୁ, ସନି ରାଉତ, ଅନିଲ ଦାସ, ବୃଦ୍ଧାଶ୍ରମ ଇନଚାର୍ଜ ବନିତା ମହାନନ୍ଦିଆ, କିଶୋରୀ ମହାନନ୍ଦିଆ, ଅମୂଲ୍ୟରତ୍ନ ବିଶ୍ୱାଳ, ସୀମା କିସାନ, ସବିତା ପ୍ରଧାନ, ଅଜୟ ସେଠ, ଅକୁର ପଞ୍ଚବିହା, ବିକାଶ ପଞ୍ଚବିହା, ଅନିମା ବେହେରା, ପିଙ୍କି ସୁନା, ପୂଜା ବେହେରା, ଲିଲିମା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବଜରଙ୍ଗ କପ୍ କ୍ରିକେଟ: ସେମିରେ ରାଜଗାଙ୍ଗପୁର

**ଦେବଗଡ଼, ୧୪ ।୨(ସମିସ):**

ଦେବଗଡ଼ ପୌରାଞ୍ଚଳର ମହୁଲଢିପାସାହି ନାଳ ପଡ଼ିଆରେ ମହାବୀର କ୍ଲବ ପକ୍ଷରୁ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଟକ ସହ ରାଜଗାଙ୍ଗପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ରାଜଗାଙ୍ଗପୁର ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ରାଜଗାଙ୍ଗପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୨୧ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ଦଳ ସମସ୍ତ ୱିକେଟ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା। ମ୍ୟାଚକୁ ମୁକେଶ ଦଲେଇ ଓ ଦିଲୁ ଦାସଭାୟା ପରିଚାଳନା କରିଥିଲେ। ଆଲୋକ ମହାପାତ୍ର ଓ ବିକାଶ ପ୍ରଧାନ ସ୍କୋରର ଥିଲେ। ବେଣୁଧର ଗଡ଼ନାୟକ ଓ ପ୍ରିତମ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି କାର୍ତ୍ତିକ ମହାକୁଳ ଏବଂ ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ ଅତିଥି ଭାବେ ଯୋଗ ଦେଇଥିଲେ। ରାଜଗାଙ୍ଗପୁର ଦଳର ରହିସ ଜାଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ସମ୍ପାଦକ ରାଜୀବ ଗଡ଼ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର କୋଷାଧ୍ୟକ୍ଷ ରାକେଶ ଦାଶ, ସୌମ୍ୟକାନ୍ତ ପ୍ରଧାନ, ସୁଶୀଲ ଦେବ, ଲିପୁନ ନାଏକ, ଆଶିଷ ଦଣ୍ଡିଆଙ୍କ ସମେତ କ୍ଲବର ସଦସ୍ୟ ସହଯୋଗ କରିଥିଲେ। ଶନିବାର ରାଜଗାଙ୍ଗପୁର ସହ ରାଉଲକେଲା ମାରୁତି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



